ମୂଷି ଓ ପୁଷି

Digitized by srujanika@gmail.com

ମୂଷି ଓ ପୁଷି

କୁଳମଣି ମହାପାତ୍ର

ଓଡ଼ିଶା ବୁକ୍ ଷ୍ଟୋର

Digitized by srujanika@gmail.com

।। ମୂଷି ଓ ପୁଷି ।।

(ପିଲାଙ୍କ ପାଇଁ ମନମତାଣିଆ ମଜା ଗପ)

ଲେଖକ :

କୁଳମଣି ମହାପାତ୍ର

ପ୍ରାଧ୍ୟାପକ

ପ୍ରକାଶକ :

ଗୋବିନ୍ଦ ଚରଣ ପାତ୍ର

ଓଡ଼ିଶା ବୁକ ଷ୍ଟୋର

ବିନୋଦବିହାରୀ, କଟକ-୨

ପ୍ରଥମ ପ୍ରକାଶ : ୧୯୮୫

ମୁଦ୍ରଣ :

ଗୁରୁପ୍ରସନ୍ନ ପ୍ରେସ୍

କଟକ-୧

ମୂଲ୍ୟ : **ପାଞ୍ଚ ଟଙ୍କା**

MUSI-O-PUSI

By

Prof. Kulamani Mohapatra

Published by

Gobinda Charana Patra

Orissa Book Store

Cuttack-2

1st Edition-1985

Price : Rs 5/-

Digitized by srujanika@gmail.com

ପରମ ପୂଜନୀୟ ଶ୍ରୀ ଭଗବାନ୍ ମହୋଦୟ, ସମୀପେଷୁ ।

ମହାଶୟ,

ତମ ଶ୍ରୀ ଚରଣେ ଶରଣ । ଲେଖିବାର କାରଣ ଏହିକି ଏଠାରେ ଆମର ଅନେକ ଦିନ ହେଲା ବର୍ଷା ଲାଗି ରହିଛି । ତୁମେ ଭାବୁଥିବ ଆମେ କୁଶଳରେ ଥିବୁ । ସତକୁ ସତ ସକାଳୁ ଆରମ୍ଭ କରି ସନ୍ଧ୍ୟା ଛଅଟା ପର୍ଯ୍ୟନ୍ତ ଆମେ ଖୁସିରେ ରହୁଛୁ । ସ୍କୁଲରୁ ଆସି ଗଣ୍ଡାଏ ଖାଇଦେଇ ଯେମିତି ଖେଳିବାକୁ ବାହାରି ପଡୁଛୁ, ତେଣୁ କଳାହାଣ୍ଡିଆ ମେଘ ଉଠାଇ ଆସୁଛି । ଘୁଡୁ ଘୁଡୁ ଗର୍ଜନ, ଚକ୍ ଚକ୍ ବିଜୁଳି । ତା' ଉପରେ କୁଆ ପଥର ମାଡ଼ । ଗୋଟା ଗୋଟା କୁଆପଥର ଶିଳୁପତାପରି ବଡ଼ । ଆଉ ଖେଳିବୁ କ'ଣ ? ବୋକାଙ୍କ ପରି ଘର କଣରେ ଲୁଚି ରହୁଚୁ । ହୀରା ଭଳିଆ କୁଆପଥର ଗୃଖଣ୍ଡେ ବହଳର ହୋଇ ବର୍ଷିହୋଇ ପଡୁଛି । ଦେଖିବାକୁ ଭାରି ଭଲ ଦିଶେ । ମାତ୍ର ଆମ ବାପା ଦାଦା ଇତ୍ୟାଦି କହୁଛନ୍ତି ସବୁ ଫସଲ ନଷ୍ଟ ହୋଇଗଲା ।

ଆଚ୍ଛା ଭଗବାନ, ଏଇଟା କେତେ ବଡ଼ ଅନ୍ୟାୟ ଟିକିଏ ବିଚାର କରିତ ! ସବୁଦିନେ ଆମ ଖେଳ ଭାଙ୍ଗିବା କ'ଣ ଠିକ୍ ? ସବୁ କୁଆ-ପଥରକୁ ହାର କରି ପିନ୍ଧିଥିଲେ, ମେଘକୁ କେତେ ସୁନ୍ଦର ମାନିଥାନ୍ତା । ଏବେ ସମସ୍ତେ ବିଚାରାକୁ ଗାଳି ଦେଉଛନ୍ତି ।

Digitized by srujanika@gmail.com

ବାତ୍ୟାଟା ଏବର୍ଷ ବଡ଼ ଦୁଷ୍ଟାମି କରୁଛି । କେତେ ଲୋକ, ଗୋରୁ ଗାଈ ମାରିଲାଣି । ସେତିକରେ ତା' ମନ ଶାନ୍ତ ହୋଇନାହିଁ । ଆହୁରି ହଇରାଣ କରିବାକୁ ତା' ଇଚ୍ଛା । ଗୋବିନ୍ଦପୁରଠାରେ ଯେଉଁ କୁଆପଥର ମାଡ଼ ହେଲା, ସେଥିରେ ଛ'ଜଣ ଲୋକ ମଲେ । ଘରଦ୍ୱାର ଭାଙ୍ଗିଗଲା । କେନ୍ଦୁଝରରେ ଘଣ୍ଟାକୁ ୨୦୦ ମାଇଲ ବେଗରେ ଆସି ପ୍ରଥମେ ପାହାଡ଼କୁ ମୁଣ୍ଡରେ ଭୁଷିଲା । ତାପରେ ଓଲଟିପଡ଼ି ଘରଦ୍ୱାର ସବୁ ଛାରଖାର କରିଦେଲା । ଏ ବାତ୍ୟା ଗୋଟାଏ ଅମଣିଆ ବଳଦ ପରି । ତାକୁ ଗୋଟାଏ ନୂଆ ନାଁ ଦିଆଯାଇଛି—ଟୋର୍ଣ୍ଣାଡୋ । ଏଥିରେ ଶହଶହ ଲୋକ ମଲେ । କେତେ ଖଣ୍ଡିଆ ଖାବରା ହେଲେ ।

ଗରିବ ଲୋକମାନେ କରିବେ କ'ଣ ? ସେମାନେ କ'ଣ ତମର ପୁଅ ଝିଅ ନୁହନ୍ତି ? ତାଙ୍କ କଥା କାହିଁକି ବୁଝୁନା ? ଏ ବାତ୍ୟାକୁ ଦଣ୍ଡ ଦେଉନା କାହିଁକି ? ମୁଁ ଭାବୁଛି, ତମେ ବାତ୍ୟାକୁ କେତେବେଳେ ଗେହ୍ଲା କରିଦେଇଛ । ସେଥିଲାଗି ତା ଫୁଟାଣି ଏତେ ।

ତମେ ପରା କୁଆଡ଼େ ସମସ୍ତଙ୍କ ବାପ ? ତା'ମାନେ ଏ ବର୍ଷା ତୋଫାନ ଏମାନଙ୍କର ବି ବାପ । ତେବେ ସେମାନେ ଦୁଷ୍ଟାମି କଲେ ସେମାନଙ୍କୁ ଜବତ୍ କରୁନା କାହିଁକି ? ତମେ ଏଥର ଏ ବର୍ଷା ତୋଫାନ ଉପରେ ରାଗ । ରାଗିଲେ ତମର କିଏ କ'ଣ କରିବ ? ଆମ ବାପା ଆମ ଉପରେ ରାଗିଲେ ଆମେ କ'ଣ ତାଙ୍କର କିଛି କରି ପାରୁଛୁ ? ବାପା-ମାନଙ୍କର କେହି କିଛି କରି ପାରିବେନି, ଏକଥା ମୁଁ ଜାଣେ ।

ହଁ, ଏତିକିବେଳୁ ନ ରାଗିଲେ ସେମାନଙ୍କ ମୁହଁ ବଢ଼ିଯିବ । ଆମ ବଡ଼ବାପାଙ୍କ ପୁଅ ଯେମିତି ନଷ୍ଟ ହୋଇଗଲା, ସେମିତି ନଷ୍ଟ ହୋଇଯିବ । ତମେ କାନ ମୋଡ଼ିବ, କି ଗୁପୁଡ଼ା ମାରିବ, ସେ କଥା ତମକୁ ଜଣା । ଆମେ କ'ଣ ଏକଥା ବି ବତେଇବୁ ? ଆମ ବାପା ଆମକୁ ଯେତେବେଳେ ଶାସନ କରୁଛନ୍ତି, ତାଙ୍କୁ କିଏ ବତେଇ ଦେଉଛି କି ? ସେଶ୍ୱପରି ବୁଦ୍ଧି ଖର୍ଚ୍ଚ କରି ବର୍ଷାକୁ ତାଗିଦ୍ କରିବ ।

Digitized by srujanika@gmail.com

ଯେଉଁ କୁଆପଥର ପଡ଼ିଲା, ସେଥିରୁ କେତେ ଗୁଡ଼ାଏ ଗୋଟାଇ ବୋତଲରେ ରଖିଲି । ହେଲେ, ଗୁହୁଁ ଗୁହୁଁ ସେମାନେ ତରଳି ଗଲେ । ସେଥିପାଇଁ ଆମର ସେସବୁ ଦରକାର ନାହିଁ । କ'ଣ କଲି, ସବୁକଥା ଲେଖି ଆଠ ଦିନ ଭିତରେ ଜଣାଇବ ।.ତମେ କୁଆଡେ ସାରା ଦୁନିଆରେ ମାଲିକ । ତେଣୁ ମୋ କଥା ବୁଝିବ ବୋଲି ଆଶାକରେ ।

ଚିଠିପାଇ ଚିଠି ଦେବ । ବାପାଙ୍କୁ ଏକଥା ଜଣାଇ ନାହିଁ । ତେଣୁ ବାପାଙ୍କ କେୟାର ଅଫ୍‌ରେ ନ ଦେଇ କୁଳମଣି ମଉସାଙ୍କ କେୟାର ଅଫ୍‌ରେ ଦେବ । ନ ଦେଲେ ଜାଣିଥା ନିଶ୍ଚୟ ରାଗିବ । ବାପା ପ୍ରଥମେ ରାଗିକରି ଚାପରେ ଚେଷ୍ଟା କରନ୍ତି । କିନ୍ତୁ ତମେ ଯେତେ ଚେଷ୍ଟା କଲେବି ଶୁଣିବ ନାହିଁ । ମିଛଟାରେ କଆଁ ମନକଷ୍ଟ କରିବ ? ଚିଠି ଖଣ୍ଡେ ଦେଇ ଦେଲେ ତ ଅଡୁଆ ଗଲା । ଏ ଚିଠିକୁ ଅର୍ଜେଣ୍ଟ ବୋଲି ଭାବିବ । ଇତି । ତୁମର ଜଗୁ ;

କେୟାର ଅଫ୍ କୁଳମଣି ମହାପାତ୍ର (ମଉସା)
ଢେଙ୍କାନାଳ କଲେଜ,
ଢେଙ୍କାନାଳ

Digitized by srujanika@gmail.com

ନିଜକୁ ବଳଦ ମାନିବାର



ମୁଁ ଗୋଟିଏ ବଳଦ । ବଳଦ କହିଲେ ତମେ ଭାବୁଥିବ, ଭୋଟ କାଗଜରେ ଥିବା ବଳଦ ଭିତରୁ ମୁଁ ଗୋଟିଏ । ମାତ୍ର ତାହା ନୁହେଁ । ମୁଁ ସତରେ ଗୋଟିଏ ବଳଦ । ଅନେକ ଲୋକ ମୁଁ ବଳଦ ହୋଇ-ଥିବାରୁ ଦୁଃଖ କରନ୍ତି । ସତରେ ଦୁଃଖ କରିବାର କିଛି ନାହିଁ । ମୁଁ ବଳଦ ହୋଇ ନ ଥିଲେ ତମ ଜମି ଚଷ କରନ୍ତା କିଏ ? ତମେ ତ ଖାଇବାକୁ ନ ପାଇ ମରନ୍ତ । ଖରା ବର୍ଷା ସହି ଶୀତ କାକରରେ କାମ କରି ଖାଉନ୍ଦଠାରୁ ବାଡ଼ିଆ ସହି ମୋ କାମ ମୁଁ କରୁଥାଏ ବୋଲି ମୁଁ ବଳଦ । ତମ ଉପକାର କରୁଛି ପୁଣି ତମରିଠାରୁ ମାଡ଼ ଖାଉଛି । ତା ନ ହେଲେ ଦେଖୁନା ଆମ ଷଣ୍ଢ ଭାଇମାନେ କିପରି ଆରାମରେ ବୁଲୁ-ଛନ୍ତି । ଚେହେରା ବି ଖୁବ୍ ବୃଷାଳ । ତାଙ୍କୁ ଲୋକେ ଦଣ୍ଡବତ ହେଉଛନ୍ତି । ଆଉ ମୋ ବେଳକୁ ?

ବୁଝିବାକୁ ଗଲେ ଏ ଯୁଗଟା ଓଲଟା । ଯେ ଉପକାର କରିବ ତା ଉପରେ ମାଡ଼ । ଗାଡ଼ି ଟାଣିବାକୁ ମୁଁ । ଝିଅ ବୋହୂଙ୍କୁ ଯାନିଯାତ୍ରା ଦେଖାଇ ନେବାକୁ ମୁଁ । ତୁମେ ଯାହାକୁ ଅଖାଦ୍ୟ କହୁଛ, ସେହି କୁଣ୍ଡା ତୋରାଣି ନଡ଼ାରେ ମୋ ଜୀବନ ରହିଛି । ମାତ୍ର ଅଖାଦ୍ୟ ଖାଇ ତୁମକୁ ମୁଁ ଖାଦ୍ୟ ଯୋଗାଉଛି । ଶତ୍ରୁର ବି ମୁଁ ଉପକାର କରେ । ମୋ ନିକ-ଟରେ ଶତ୍ରୁ ମିତ୍ର ସମାନ । ସମସ୍ତଙ୍କର ମୁଁ ବନ୍ଧୁ ।

Digitized by srujanika@gmail.com

ମୋର ଗୋଟିଏ ଲଞ୍ଜ ଅଛି । ସେଇଥିରେ ମୁଁ ଝାଡ଼ଝୁଡ଼ ହୁଏ । ମୋର ତ ବଚଣା କ ଢଙ୍ଗା ନାହିଁ ଯେ ମାଛିଟା ବସିଲେ ଉଡ଼ାଇଦେବ ? ସେଇ ଲଞ୍ଜ ଖଣ୍ଡିକ ମୋର ଖୁବ୍ କାମରେ ଆସେ । ସେଇ ଜାଣି ମୋ ତଉଲଆ । ସେଇଥିରେ ଝାଡ଼ଝୁଡ଼ ହୁଏ । ଆଜକାଲ ଯୋଉ ମଶା ଡାଆଁଶ ହେଲେଣି, ଲଞ୍ଜିଟି ନ ଥିଲେ ସେମାନଙ୍କୁ ମୁଁ ସାଧ କରପାରନ୍ତ ନାହିଁ । ମୋ ଲଞ୍ଜରେ ପାହାରେ ଦେଲେ ଯେତେ ବଡ଼ ମଶା କ ଡାଆଁଶ ହୋଇଥିଲେ ବ ସାବାଡ଼ ହୋଇଯିବେ । ସେ ଖଣ୍ଡକ ଠିକ୍ ଠାକୁରଙ୍କ ଆଗରେ ପଡ଼ୁଥିବା ଚଅଁର ପର । ଚଅଁର ପୁରୁଣା ହୁଏ । ମାତ୍ର ମୋ ଲଞ୍ଜ ସବୁବେଳେ ନୂଆ ।

ଲୋକେ କହନ୍ତ ମୋ ଦେହରେ ତେତିଶ କୋଟି ଦେବତା ରହନ୍ତ । ପ୍ରତ ରୁମରେ ଗୋଟିଏ ଲେଖାଏଁ ଦେବତା । ଯଦ ଲୋକେ ତାହା ଜାଣୁଛନ୍ତ, ତେବେ ପାହାର ବସାଇଲା ବେଳେ ସେଇ ଦେବତାଙ୍କ ଉପରେ ମାଡ଼ ବସୁଥିବ ବୋଲ କାହିଁକ ଭାବୁ ନାହାନ୍ତ ? ଲୋକଙ୍କ ଅଭ୍ୟାସ ଦେଖିଲେ ହସିବ ନା କାନ୍ଦବ ? ଗୋଡ଼ ବାଜଲେ ବନ୍ଦୁ ହେଉ-ଛନ୍ତ, ମାତ୍ର ପାହାର ବସାଇଲା ବେଳକୁ ଟିକଏ ଚନ୍ତା କରୁନାହାନ୍ତ । ମୁଁ ଗୋଟାଏ ମାନ୍ୟ ଲୋକ ବୋଲ ଏମାନଙ୍କର ଖାତର ଆସୁନାହିଁ । ବେଳେବେଳେ ଏ କଥା ଭାବ ମୁଁ ରାଗିଯାଏ । ଯେତେ ଉଚ ବାଡ଼ ଦେଇଥିଲେ ବ ହାଇଜମ୍ପ କର ବାଡ଼ରେ ପଶି ଥୋଡ଼ାଏ ଖାଇଖୁଇ ପକାଏ ଆଉ ଥୋଡ଼ାଏ ଦଳଦାଳ ଦଏ ।

ମୋର ଦୁଇଟି ଶିଙ୍ଗ ଅଛି । ମୋ ଶିଙ୍ଗକୁ ଦେଖିଲେ ପିଲାଏ ଡରନ୍ତ । ଆମ ନଜ ନଜ ଭତରେ ଲଢ଼ାଲଢ଼ି ହେଲାବେଳେ ଶିଙ୍ଗ ଦୁଇଟା ଖୁବ୍ କାମଦଏ । ମାତ୍ର ମୋ ମାଲକ ସେଇ ଶିଙ୍ଗକୁ ଧର ମୋତେ ଜବତ କରେ । ଶିଙ୍ଗ ଦୁଇଟା ଧର ପକାଇଲେ ମୋ ଅକଲ ଗୁଡ଼ୁମ୍ । ବଜୁଆ ଲୋକଙ୍କ ନକଟରେ ଶିଙ୍ଗର କଛି ମୂଲ୍ୟ ନାହିଁ । ମୁଁ ଶୁଣିଛି ଆମେ ମଲେ ଆମ ଶିଙ୍ଗରେ କେତେ ପ୍ରକାର ଜନଷ କର ଲୋକେ ଘର ସଜାନ୍ତ । ସେଥିରେ ପାନଆ ତଆର ହୁଏ । ଖେଳନା ବ ତଆର ହୁଏ ।

Digitized by srujanika@gmail.com

ଯାହାହେଉ, ମଲାପରେ ବି ମୁଁ ଲୋକଙ୍କ କେତେ ଉପକାରରେ ଆସୁଛି । ଆହୁରି ଆଶ୍ଚର୍ଯ୍ୟ କଥା, ମୋ ଦେହରେ ଗୋଡ଼ ବାଜିଲେ ଲୋକେ ବିଷ୍ଟୁ ହୁଅନ୍ତି, କିନ୍ତୁ ମୋ ଚମଡ଼ାରେ ଯୋତା କରି ପିନ୍ଧିବାକୁ ସୁଖ ପାଆନ୍ତି । ଏ ଦୁନିଆରେ ପୁଣି ଏତେ ଓଲଟା କଥା ହୁଏ !

ବେଳେବେଳେ ଲୋକେ ଖୁସିରେ ଲୁହା ତତେଇ ମୋ ପିଠିରେ ଦାଉଣି ଦିଅନ୍ତି । ମୋ ଚମଡ଼ା ପୋଡ଼ି ଫୁଟୁକିଆ ଗନ୍ଧ ହୁଏ । ଓହୋ, ସେତେବେଳେ ସେମାନଙ୍କର କି ଆନନ୍ଦ ! ମୋର ଯେଉଁ ରାଗ ହୁଏ, ଭାବୁଥାଏ ଉଠି ଏମାନଙ୍କୁ ସମସ୍ତଙ୍କୁ ଭୁଷିଭାଷି ପକାନ୍ତି । ପୁଣି ବେଳେ ବେଳେ ଲୋକମାନେ ମୋତେ ଆଉଁସି ପକାନ୍ତି । ମୋ ଦେହରେ ଲାଗିଥିବା ଟିଙ୍କଙ୍କୁ ଛଡ଼ାନ୍ତି । ନଈରେ ନେଇ ଗାଧୋଇ ପାଧୋଇ ଆଣନ୍ତି । ସେଥିପାଇଁ ଲୋକଙ୍କ ପ୍ରତି ମୋର ରାଗ ବେଶୀଦିନ ରହେନା ।

ଆହୁରି ମଜା କଥା ହେଉଛି—କିଏ କଣ ପାପ କଲେ ମୋ ଘିଅକୁ ଖାଇ ପ୍ରାୟଶ୍ଚିତ କରନ୍ତି । ମୋ ଘିଅ କୁଆଡ଼େ ଭାରି ପବିତ୍ର । ସେଥିପାଇଁ ତାକୁ ଗୋଳ ଦାଣ୍ଡଘାଟ ସବୁଆଡ଼େ ଛିଞ୍ଚନ୍ତି । ବେଳେବେଳେ ସେମାନଙ୍କର କି ରୋଗ ହୁଏ କେଜାଣି, ମୋ ମୂତକୁ ବି ପିଅନ୍ତି । ଏ ସବୁ ଦେଖି ମୋତେ ବଡ଼ ହସମାଡ଼େ । ମନରେ ଗୋଟାଏ ଗର୍ବ ଆସିଯାଏ—ଯାହା-ହେଉ, ଏମିତି କୋଉ ଜୀବ ସଂସାରରେ ଅଛି, ତା ଘିଅକୁ ଖାଇବେ ? ତା ମୂତକୁ ପିଇବେ ? ଏଇଥିଲାଗି ଭାବେ, ହଉ, ପିଠିନ୍ତି ପଛକେ, ରାଗ କରିବା କଣ ଉଚିତ ? ମୁଁ ସେମାନଙ୍କୁ କ୍ଷମା ଦେଇ ଖୁସିରେ ବାପା ମା ବୋଲି ଡାକେ—ହବା, ହମା ଇତ୍ୟାଦି । ମୋ ଡାକ ଶୁଣି ଲୋକେ ଭାରି ଖୁସି ହୁଅନ୍ତି ।

କୋଉଟ୍ କଚେରୀ ବି ମୋ ଆଗରେ କିଛି ନୁହେଁ । ମୋ ଲାଞ୍ଜ ଧରି ଲୋକେ ନିଷ୍ପତ୍ତି କରିଦେଲେ କଥା ସରିଲା । ଗୀତା ଭାଗବତ ପୁରାଣ ପଢ଼ିବି ଯାହା, ମୋ ଲାଞ୍ଜ ଛୁଇଁ ମୋତେ ଦଣ୍ଡବତ ହେବା ସେୟା । ଏଇଥିରୁ ବୁଝ ମୋ ସ୍ଥାନ କେଉଁଠି । ତା ନ ବୁଝି ଖାଲି ବଳଦ ବୋଲି କହି ଥଟ୍ଟା କରିଦେଲେ ଚଳିବ ?

Digitized by srujanika@gmail.com

ମୂଷି ଓ ପୁଷି

ମୂଷି ଆଜି ବଡ଼ ଖୁସି । କାହିଁକିନା ପୁଷି ଯାଇଛି ଗାଧୋଇ । ପୁଷିର ତ କେତେ କାମ—ଗାଧୋଇବ, ଚିତା ଚଇତନ କରିବ, ହରି-ନାମ କରିବ, ଯ୍ୱା ପାଖରେ ତା ପାଖରେ ଯାଇ ଘଷି ହେବ, ମିଆଉଁ ମିଆଉଁ କରି ଗୀତ ବୋଲିବ, ତା ପରେ ଯାଇ ଆସିବ । ସେତେବେଳକୁ ଟୁକୁ ଟୁକୁ କରି ସେ ସବୁ ପାଟିରେ ପକାଇ ସାରିଥିବ । ଯ୍ୱା କହି ପୁଷିର ଗନ୍ତାଘରେ ମୂଷି ଗୋଡ଼ ଚିପି ଚିପି ପଶିଲା । ହାଣ୍ଡି କୁଣ୍ଡେଇ ଅଣ୍ଡାଳିଲା । ଯାହା ପାଇଲା ଖାଇଲା । ନଖକୁ ଫୁଲେଇ ଲମ୍ବା ପାହୁଣ୍ଡ ପକାଇ ବାହା-ରିଲା । ଯାଇ ପଶିଗଲା ଗାତ ଭିତରେ ।

କିଛି ସମୟ ପରେ ପହଞ୍ଚିଲା ପୁଷି । ଦେଖେତ ଘର ଦୁଆର ଚାରିଆଡ଼ ଅସନା । ଜିନିଷପତ୍ର ସବୁ ଛିନ୍‌ଛତର ହୋଇ ପଡ଼ିଛି । ରନ୍ଧା ଖାଦ୍ୟକୁ କିଏ ଖାଇ ଦେଇଛି । ଯେଉଁ ମାଳା ଧରି ସେ ହରିନାମ କରୁଥିଲା ତାକୁ ଛିଣ୍ଡେଇ ଗୁଣ୍ଡେଇ ପକାଇଛି । ନାସ ଦାନରେ ଥିବା ସବୁ ନାସତକ ବୁଣିବାଣି ପକାଇଛି । ଘର ଚାରିଆଡ଼େ ମୂଷାନଣ୍ଡି ।

ପୁଷି ଭାବିଲା, ସେ ନିଅଁସି ମୂଷିର ଏ ସବୁ କାରବାର । ବେଳ ଉଣ୍ଡି ଆସି ମୋର ସତ୍ୟାନାଶ କରିଛି । ପୁଷିର ରାଗ ପଞ୍ଚମକୁ ଉଠିଗଲା । କହିଲା ଚୋର ମୂଷି, ସେ କ'ଣ ଜାଣେନା, ଏଇନା ଚାହିଁଲେ ତାକୁ ଠକ୍ କରି ପାଟିରେ ପକେଇ ଦେବ । ସେ ପରା ମୋର ଗୋଟା ଓଳି

Digitized by srujanika@gmail.com

ଜଳଖିଆକୁ ନିଅଣ୍ଟ ! ଆରେ ଏ ଏ ! ମୋତେ ଚିହ୍ନୁନା ପରି ! ମହାବଳ ହେଉଛୁ ମୋ ବଡ଼ ବାପାଙ୍କ ସମ୍ପର୍କରେ ପୁଅ । ଚିତା ବାଘ ମୋ ନିଜ ମଉସାଙ୍କ ପୁତୁରା । ମୋ ଚେହେରା ଦେଖି ମୋତେ ଚିହ୍ନିଲୁ ନାହିଁ ? ଲୋକେ କାହିଁକି କହନ୍ତି ବାଘ ନ ଦେଖିଲେ ବିଲେଇ ଦେଖ ?

ମୂଷିର ଗାତ ପାଖକୁ ଯାଇ ପୂଷି ଗର୍ଜନ କଲା । କହିଲା ହଇଲୋ ସବାଖାଇ ମୂଷି । ଲୁଚିଚଇ ଲୁଚିଚଇ ମୋ ଭାତ ଖାଇଲୁ । ମାଛ ଭଜାଗୁଣ୍ଡା ବି ଖାଇଦେଲୁ । ଗୋଟା ଚଟକଣିରେ ତୋ ଗାଲ ବଙ୍କା କରିଦେବି । ତୋ ନିଶକୁ ଏକା ଝିଙ୍କାରେ ଉପାଡ଼ି ଦେବି । ଛି ଛି ଛି, ଏତେ ଚୋରଣୀ । କଲୋ ଚୋରି କରିବାଟା ପାପ ବୋଲି ତୋତେ ଜଣାନାହିଁ କି ?

ମୂଷିକୁ ବଡ଼ ଅପମାନ ହେଲା । ଗାତ ଭିତରେ ଥାଇ ନିଶକୁ ଫୁଲାଇ କହିଲା, ହେ ପୂଷି ନାନୀ, କହି ଦେଉଛି, ଏମିତି ଅପମାନିଆ କଥା କହନା, ମତେ ବଡ଼ ବାଧୁଛି । ଚୋରି କଲି ବୋଲି ମତେ ଅପମାନ ଦେବୁ ? ଚୋରଙ୍କର କଣ ମାନ ସନମାନ ନାହିଁ ? ସେମିତି କହିବୁତ ଆମ ଦଳକୁ ନେଇ ତୋ ଦୁଆର ମୁହଁରେ ଅନଶନ କରିବି । ଆଜି କାଲି କିଏ ଚୋରି ନ କରୁଛି ଯେ ! ତୁ ତ ନିଜେ ଚୋରି କରୁଛୁ । ଯେ ଅନ୍ୟକୁ ଚୋରି ବୋଲି କହିବ, ସେ ନିଜେ ସାଧୁ ହେବା ଦରକାର ।

ପୂଷି କହିଲା ଆହାଲୋ ସାହସିଆ ଲୋକ । ହଇଲୋ ମୂଷି । ଗାତ ଭିତରେ ପଶି ପାଟି କରୁଛୁ କିଆଁ ? ଆ, ବାହାରକୁ ବାହାରିଆ । ଏଇଠି ତତେ ଦେଖିବି । ଗାତ ଭିତରେ ପଶି ଫୁଟାଣି !

ମୂଷି କହିଲା, କାହିଁକି ପଦାକୁ ଯିବି ? ଏତେ ଥଣ୍ଡାରେ ମୁଁ ପଦାକୁ ବାହାରି ପାରିବି ନାହିଁ । ଘର କାମ ଛାଡ଼ି ତୋ ସାଙ୍ଗରେ ଯାଇ କଳି କରିବି ? ଆମେ ମୂଷା ଜାତିର ଲୋକ ଏମିତି ମୋଟେ ସମୟ ନଷ୍ଟ କରୁନା । ଆମେ ଏମିତି କାମ କରୁକରୁ କଳି କରୁ । ତମେ ସିନା

Digitized by srujanika@gmail.com

ଅଳସୁଆ ଜାତି । ବଇଷ୍ଣବ ହୋଇଛ । ମାଛ ଖାଉଛ । ବୋଲୁଉଛ କଣ ନା ବଗ୍ଗୁଡ଼ ବୈଷ୍ଣବ ?

ପୁର୍ଷି କହିଲା, ତୋ କଥା ଶୁଣି ମୋ ଦାନ୍ତ ଶୁଳେଇ ହେଲାଣି । ତୋ ମୁଣ୍ଡକୁ କଡ ମଡ କରି ଚୋବେଇଲେ ମନ ଶାନ୍ତ ହେବ । ଆଜ ଏଇ ଗାତ ପାଖରେ ବସିଲି । କେତେବେଳେ ତୁ ବାହାରିବୁ । ସେତକବେଳେ ତୋ ଚୋରଣୀ ଢଙ୍ଗ, ତୋ ଜଳଆ ଖୋଉଣୀ ଢଙ୍ଗ ସବୁ ବାହାର କରିଦେବ ।

ମୂର୍ଷି କହିଲା, ମୋ ଗାତ ପାଖରେ ବସି ମୋ ଗାତ ମୁହଁକୁ ଅପବିତ୍ର କରିଦେଲୁ । ସେଥିପାଇଁ ମୁଁ ସେ ବାଟେ ଆଉ ନ ବାହାରେ । ମୁଁ ଅନ୍ୟ ଗୋଟାଏ ରାସ୍ତା ଖୋଲି ବାହାରିବ । ତୁ ସେଇଠି ବସିଥା । ଆମ ଜାତିଟା କେତେ ଚାଲାଖ ଜାଣିନାହୁଁ ପରା ! ତୁ ସେଇଠେ ଉପାସରେ ବସି ଶୁଖି ଶୁଖି ମର ।

ଏ କଥା ଶୁଣି ପୁର୍ଷି ଭାବିଲା, ସତ କଥା । ଏଠିବସି ଲାଭ ନାହିଁ । ମୂଷା ବଂଶକୁ ଲୋପ କରିବାକୁ ଅନ୍ୟ ଉପାୟ ଦେଖିବା । ଆଜ ସିନା ଠକିଦେଲା । କେତେଦିନ ଠକିବ ଦେଖିବି । ପୁର୍ଷି କହିଲା, ହଉ ଲୋ ମୂର୍ଷି, ଆଜ ଖସିଗଲୁ । ତୋ ଖାର ପଣିଆ ଜଣା ପଡ଼ିଗଲା । ଏଣିକି ସାବଧାନ ଥିବୁ । ଖାଇଲୁ ଯେତିକ ନଷ୍ଟ କଲୁ ତା ଦଶଗୁଣ । ପୁଣି ହଗି ମୂତି ଅସନା କରିଗଲୁ । ଏଣିକି ତୋ ଭାଗ୍ୟ ଖରାପ ବୋଲି ଭାବ । ଏୟା କହି ପୁର୍ଷି ଚାଲିଗଲା ।

ଏଣେ ଗାତ ଭିତରେ ମୂର୍ଷି ହସି ହସି ଗଡ଼ିଗଲା, ପୁର୍ଷିକି ଶୁଣେଇ ଶୁଣେଇ କହିଲା— ମୂଷା ବଂଶକୁ ଧ୍ୱଂସ କରିବ, ଏମିତି ସଂସାରରେ କିଏ ପୁଅ ଅଛିରେ ?

●

Digitized by srujanika@gmail.com

ସୁକୁଟି ଦେବୀଙ୍କ ବ୍ରଣବଧ

ଶ୍ରୀମତୀ ସୁକୁଟୀ ଦେବୀଙ୍କ ନାକ ଆଗରେ ବ୍ରଣଟିଏ ଉଠିଲା । ଏ ଖବର ଘରଆଡେ ପ୍ରଚାରିତ ହୋଇଗଲା । ଯେ ଶୁଣିଲା, ସେ ଆହା ଚୁଚୁ କଲା । ମହା ଅନ୍ୟାୟ କଥା । ଦୁଷ୍ଟ ବ୍ରଣଟାକୁ ଆଉ କେଉଁଠି ଜାଗା ମିଳିଲା ନାହିଁ ଯେ ଏକାବେଳକେ ସିଂହାସନ ଉପରେ ଯାଇ ହାଜର ' ଘୁର ଛୁଙ୍କର ବ୍ରଣଟା । ତାର ପୁଣି ଏତେ ଗର୍ବ ! ନା, ତା ଗର୍ବକୁ ଖର୍ବ କରିବାକୁ ହେବ । ଦେଖ ହୋ, ନାକ ଅଗରେ ବସି ପୁଣି ସଳସଳ କରୁଛି ! ଗୋଟାଏ ଢଙ୍ଗ ଦେଖାଉଛି । ସୁକୁଟି ଦେବୀ ରାଗିଗଲେ ।

ସେ ତ ରାଗିଲେ କାହାକୁ ମାନନ୍ତି ନାହିଁ । ବ୍ରଣଟା ତାଙ୍କ ଆଗରେ କେତେ ମାତ୍ର ! ଦୌଡ଼ିଗଲେ ଭିତରକୁ । ଅଇନାଟା ଆଣି ପାହାଚ ଉପରେ ବସିଗଲେ । ତାଙ୍କର ତ ବାଘ ନଖ ପରି ନଖ । ବାଣି ଅଙ୍ଗୁଠି ଓ ବୁଢ଼ା ଆଙ୍ଗୁଠି ନଖରେ ଚୁପିଧରି କହିଲେ—ରେ ଦୁଷ୍ଟ ଏତେବେଳେ ତୋତେ କିଏ ରକ୍ଷାକରିବ ଦେଖିବ । ଏବେ ତୋ ଇଷ୍ଟ ସୁମରଣ କର । ବ୍ରଣଟା ମଲିମଲି ବୋଲି ଚିତ୍କାର କଲା । ବାପରେ ମାଆରେ ହେଲା । ଚୁହୁଁ ଚୁହୁଁ ସୁକୁଟି ଦେବୀଙ୍କ ମୁନିଆ ନଖରେ ବ୍ରଣଟା ଦଖଣ୍ଡ ହୋଇଗଲା । ସୁକୁଟି ଦେବୀ ବୈଷ୍ଣବପାଣି ନାଟରେ ରଜା ହସିଲା ପରି ହସିଲେ ହେଁ ହେଁ ହେଁ, ଏଥରକ ରୋଗ ଗଲା ବୋଲି

Digitized by srujanika@gmail.com

ଭାବିଲେ । ମାତ୍ର କଣ୍ଟାବ୍ରଣ ଦେହରୁ ଧାର ଧାର ହୋଇ ରକ୍ତ ବହିଲା । ଆଚ୍ଛା କଥା ହେଲା । ମଣିଷ ମହର୍ଗରୁ ଯାଇ କାନ୍ତରରେ ପଡ଼ିଲା । ଉପାୟ କ'ଣ ? ସୁକୁଟି ଦେବୀ ସେଇ ଖଣ୍ଡିଆ ବ୍ରଣ ମୁହଁକୁ ଚିପିଦେଇ ମାଡ଼ି ବସିଲେ । ଅଧଘଣ୍ଟା ପରେ ରକ୍ତବୁହା ବନ୍ଦ ହେଲା ।

ମାତ୍ର ଏ କଣ ? ବ୍ରଣ ତ ଗଲା । ସେ ଜାଗାରେ କଣ ଏତେବଡ଼ ହୋଇ ଫୁଲିଗଲାଣି ? ନାକଟା ଆହୁରି କଦର୍ଯ୍ୟ ଦିଶୁଛି । ବଡ଼ ଓଷାରେ ଗଜମଣ୍ଡା ଉପରେ ଲିଙ୍ଗ ଶୋଭା ପାଇଲା ପରି ଫୁଲାଟା ଉବଲ ଜାଗା ମାଡ଼ି ବସିଲାଣି । କ୍ଷତ ଜାଗାଟା ଖାଲି ଟାଇଁ ଟାଇଁ ବିନ୍ଧି ଉଠୁଛି । ନାକଟା ଜଳିଲା ପରି ଲାଗୁଛି । ସତେ ଯେମିତି ସେଠି କିଏ ନିଆଁ ଜାଳି ଦେଇଛି । ସୁକୁଟି ଦେବୀ ଭାବିଥିଲେ ଆଜି ବ୍ରଣବଧ କରି ସେ ଗୋଟାଏ ବୀର ବନି ଯାଇଛନ୍ତି । ମାତ୍ର ଏ ଖଣ୍ଡିଆ ବ୍ରଣଟା କଣ ବୀର ସୁକୁଟି ଦେବୀଙ୍କୁ ହଲାପଟା କଲାଣି !

ସୁକୁଟି ଦେବୀ ଭୟ କରିଗଲେ । ବ୍ରଣଟା ଯେମିତି ବଢ଼ିବାକୁ ଆରମ୍ଭ କଲାଣି, କିଛି ସମୟ ପରେ ମୁହଁରେ ବେଲୁନ ପରି ଓହଳି ପଡ଼ିବ । ପଦାକୁ ବାହାରି ସାଙ୍ଗସାଥୀଙ୍କ ସହିତ ମିଶି ପାରିବେ ନାହିଁ । ଖଣ୍ଡା ନାକ ଉପରେ ଶିଙ୍ଗ ଉଠିଲା ପରି ଏ ତ କଣ ସଦର ଦରଜା ଉପରେ ଆସନ ଜମାଇ ବସିଗଲାଣି ! କଣ କରିବେ ? ସୁକୁଟି ଦେବୀଙ୍କ ବୀର ପଣିଆ କୁଆଡ଼େ ଉଭେଇଗଲା । ସବୁ ଠାକୁରଙ୍କୁ ଭୋଗ ଯାଚିବାକୁ ଲାଗିଲେ । ଦୁଆର ମୁହଁରୁ ଏ ପିଆଦା କେମିତି ଉଠିବ, ସେଇ ଚିନ୍ତା ସବୁବେଳେ ।

ଏହି ସମୟରେ ଆସିଲେ ତାଙ୍କ ସାଙ୍ଗ ଶ୍ରୀମତୀ ଫାପୁଲ୍ଲି ଦେବୀ । ପିଲା ଦିନର ସାଙ୍ଗ । ବଡ଼ ଲୋଭୀ । ହେଲେମଧ୍ୟ ପରି ଉପକାରୀ । ସୁକୁଟି ଦେବୀଙ୍କ ନାଁଟା ଯେମିତି ହେଲେ କଣ ହେବ, ସେ ଜଣେ ଲକ୍ଷପତିଙ୍କ କନ୍ୟା । ମାତ୍ର ରୋଗ ଆଗରେ ବଡ଼ଲୋକ କଣ ଚୋଟ ଲୋକ କଣ ? ବରଂ ବଡ଼ ଲୋକମାନଙ୍କ ସହିତ ରୋଗମାନଙ୍କର ଅଧିକ ପ୍ରୀତି ଥାଏ ।

Digitized by srujanika@gmail.com

ଫାପୁଲ୍ଲୀ ଦେବୀ ଗୋଟାଏ ଲମ୍ବା ଚିଠାକଲେ । ତାଙ୍କ ମତରେ ନାକ ଅଗରେ ବ୍ରଣ ହେବାଟା ବଡ଼ ଅଶୁଭ କଥା । ଶନିସପ୍ତା ପଡ଼ିଲେ ଏମିତି ହୁଏ । ସେଥିପାଇଁ ଗ୍ରହ ଶାନ୍ତି କରିବାକୁ ହେବ । ଯାଗ ଯଜ୍ଞ ହୋମ ଇତ୍ୟାଦି କରିବାକୁ ହେବ । ପ୍ରତିଦିନ ଏକ ଡଜନ ବ୍ରାହ୍ମଣଙ୍କୁ ପୁରି ରସଗୋଲା ଓ ଆଳୁଦମ ଖାଇବାକୁ ଦେବାକୁ ପଡ଼ିବ । ସେମାନଙ୍କୁ ସିନେମା ଦେଖାଇ ନେବାକୁ ହେବ । ବ୍ରାହ୍ମଣମାନେ ଖୁସି ହେଲେ, ଅଗ୍ନିଦେବତା ଘିଅ ଖାଇଲେ ଶନିସପ୍ତା କଟିଯିବ । ଟଙ୍କା ବୋଇଲେ ହଜାରଟା ଖର୍ଚ୍ଚ ହେବ । ହଉ ଚିନ୍ତା କଣ ! ଆଗେ ଶନିସପ୍ତା କଟୁ ।

ଫାପୁଲ୍ଲୀ ଦେବୀ ଟଙ୍କାତକ ନେଇ କଷ୍ଟୁ ଔଷଧ ଆଣି ବ୍ରଣ ଉପରେ ଲଗାଇ ଦେଲେ । ଦିନ ଆଠଟାରେ ମୁହଁ ସଫା ହୋଇଗଲା । ଟଙ୍କାତକ ଯାଇ ଫାପୁଲ୍ଲୀ ଦେବୀଙ୍କ ବାକ୍ସ ଭିତରେ ନିରାପଦରେ ରହିଗଲେ । ଫାପୁଲ୍ଲୀ ଦେବୀ କିନ୍ତୁ ସବୁତକ ବାହାଦୁରୀ ନେଲେ । ତାପରେ ପୁଣି ଗୋଟାଏ ଫିଷ୍ଟ ହେଲା । ଫାପୁଲ୍ଲୀ ଦେବୀ ସବୁକଥା ସୁକୁଟି ଦେବୀଙ୍କୁ କହିଦେଲେ । ସେ କହିଲେ ଲକ୍ଷ୍ମୀ ହେଉଛନ୍ତି ଚଞ୍ଚଳା । ଟଙ୍କାତକ ଗୋଟିଏ ବାକ୍ସରୁ ଯାଇ ଆଉ ଗୋଟିଏ ବାକ୍ସରେ ରହିଲା । କ୍ଷତି କଣ ?

ସୁକୁଟି ଦେବୀ ଏ ଲାଜର କଥା କାହାକୁ କହିବେ ? ସାମାନ୍ୟ କଥାରେ ବିଚଳିତ ହେଲେ ବୋଲି କେତେ ଟଙ୍କା ଜୋରିମନା ଦେଲେ । ଶେଷକୁ ସାଙ୍ଗଟା ବି ଠକିଲା । ଧୈର୍ଯ୍ୟ ନ ଥିଲେ ଏମିତି ଅବସ୍ଥା ଭୋଗିବାକୁ ହୁଏ । ହାୟରେ ହାୟ !

●

Digitized by srujanika@gmail.com

ବିଲେଇର ଆତ୍ମକାହାଣୀ



ମୁଁ ଗୋଟିଏ ବିଲେଇ । ଅବଶ୍ୟ ଟିକିଏ ଓଲେଇ । ଶିକା ଓ ଥାକରେ ଖାଇବା ଜିନିଷ ଥିଆ ହୋଇଥିଲେ ମୋ ପାଟିରୁ ଲାଳ ବହେ । ଗଛ ଚଢ଼ାରେ ତ ମୁଁ ଧୁରନ୍ଧର । ସେଥିପାଇଁ କେତେ ଉପରେ ରଖିଲେ ବି ମୁଁ ସେଠି ଯାଇ ହାଜର । କଥା ହେଉଛି କଣ କି ଆଁଷ ଟିକିଏ ମଝିରେ ମଝିରେ ପାଟିରେ ନବାଜିଲେ ପାଟିଟା ଅରୁଚି ହୋଇଯାଏ ।

ବୁଝିବାକୁ ପିଲାଙ୍କ ଠଉଁ ମୁଁ ବେଶୀ ସୁଖୀ । ଦୁଧ ରବିଡ଼ି ଇତ୍ୟାଦି ମୋର ପ୍ରିୟ ଖାଦ୍ୟ । ମହାପୁରୁଷ, ସାଧୁ ସଜ୍ଜନମାନେ ଦୁଧ ଘିଅ ଖାନ୍ତି । ମୁଁ ବି ଖାଏ । ବୁଝିବାକୁ ଗଲେ ମୁଁ ସେମାନଙ୍କ ସମାନ୍ତର । ପୁଣି ମାଛଭଜା, ଶୁଖୁଆ ପୋଡ଼ା ଦେଖିଲେ ମୋ ସାଧୁ ପଣିଆ କୁଆଡ଼େ ଉଭେଇ ଯାଏ । ମୁଁ ଶୁଖୁଆ କଣ—ତା ମୁଣ୍ଡ, ଏପରିକି ତା କଣ୍ଟା ଟିକେ ବି ଛାଡ଼ି ଯାଏନି । କି ବାଗରେ ମୁଁ କଣ୍ଟା ବାଛେଇଦିଏ, ଯେମିତି କିଏ ତମେ ସବୁ ପାରିବ ? ଅସମ୍ଭବ । ଜିଅନ୍ତା ମାଛକୁ ମାଡ଼ିବସେ । ମାତ୍ର ଜିଅନ୍ତା କଙ୍କଡ଼ା ଦେଖିଲେ ଡରେ । କେହି ଯେବେ କଙ୍କଡ଼ାକୁ ମାରି ତରକାରି ଠିକେ ବନାଇ ଦିଏ ତେବେ ଖାଇବା ବେଳକୁ ମୁଁ ହାଜର । ମୋର କଞ୍ଚା କଣ, ପୋଡ଼ା କଣ, ସବୁଚଳେ ।

ଯଦି କିଛି ନ ମିଳେ ତେବେ ଗୁଳରୁ ବା ଗାତରୁ ମୂଷା ଗୋଟାଏ ପାଇଲେ ସେ ଦିନର ଜଳଖିଆଟା ଚଳିଗଲା । ମୋ ମାରଣ ପଣିଆ ଦେଖି ସମସ୍ତେ ମୋ ଉପରେ ଚିଡ଼ନ୍ତି । ମାରି ଗୋଡ଼ାନ୍ତି । ମାତ୍ର ମୁଁ ଯେତେବେଳେ ଗୁଡ଼୍‌ଗୁଡ଼୍ ହୋଇ କୋଳରେ ପଶିଯାଏ, ମୋତେ ପୁଣି ଆଦର କରନ୍ତି । ଦିହଟା ତ ମୋର ଏମିତି ପାଲିସ ଯେ, ମଖମଲ୍

Digitized by srujanika@gmail.com

ପର ଲାଗିବ । ବୁଢ଼ୀମାନେ ସର୍ଦ୍ଦିହେଲେ ଯେମିତି ଗୁଡୁ ଗୁଡୁ ହୁଅନ୍ତି ସେମିତି ହୋଇ, ବାବୁ କମ୍ବା ବାବୁଆଣୀ ନହେଲେ ଗ୍ରେଟ ବାବୁଙ୍କ ଗଦ ଉପରେ ଶୁଏ । ତଳଟାରେ ଗୋଟାଏ ଶୋଇବ କଣ ? ମୋର କଣ ମାନ ସନମାନ ନାହିଁ ? କେତେବେଳେ କାନମୋଡ଼ା, କେତେବେଳେ ଲାଙ୍ଗୁଳ ଟଣା, ପୁଣି କେତେବେଳେ ଆଞ୍ଜୁସା ପାଏ । ସେସବୁ ସଉକ କଥା ।

କିନ୍ତୁ ମୁଁ ଛିଙ୍କିଦେଲେ କାହିଁକି ଲୋକେ ଅଶୁଭ ବୋଲି ଭାବନ୍ତି ବୁଝି ପାରେନା ! କେହି ଗୋଟାଏ ବାଧା ସୃଷ୍ଟି କଲେ ଲୋକେ କହନ୍ତି ହେଇ ବିଲେଇ ଛିଙ୍କିଲା । ମାଉଟା ଯେତେ ନବାଧେ ଏମିତି କଥାଗୁଡ଼ା ମୋତେ ବେଶୀ ବାଧେ ।

ମୋ ନାଁ ଶଙ୍ଖୀ ବିଲେଇ । ମୁଁ ବି ଟିକେ ଫୁଲେଇ ହୁଏ । ମା'କୁ ଡାକଲେ କହେ ମ୍ୟାଉଁ । ମୋର ଗୋଲ ଗାଲ ଆଖିକି ଦେଖି ମୂଷାର ପିଳେହି ପାଣି ।

ଲୋକେ କହନ୍ତି ବାଘ ନ ଦେଖିଲେ ବିଲେଇ ଦେଖ୍ । ବୁଝିବାକୁ ଗଲେ ବାଘଟା ମୋ ସାନ ଭଉଣୀ । ଦେଖିବାକୁ ଏକା । ବଣ ଜଙ୍ଗଲରେ ରହି ଉଦଣ୍ଡି ବନଗଜ । ତା ଗର୍ଜନ ଶୁଣିଲେ ମୁଁ ବି ଛାନିଆଁ । ମୋ ଉପରେ ତାର ବଡ଼ରାଗ, କାରଣ ମୁଁ ଗଦରେ ଶୋଉଛି । ସେ ଶୋଉଛି କେଉଁ ଅଲଗା ନଟା ଭିତରେ । କଞ୍ଚା ମାଉଁସ ଖାଇ ଖାଇ ତା ମୁହଁଟା କି ଗନ୍ଧ ! ଉହୁଁ !!

ମାତ୍ର ମୋ ମୁହଁ ଶୁଙ୍ଘ । ଦେଖିବ କେମିତି ବାସୁଛି । ଦୁଧଖାଇ ଆରାମରେ ବସି ଟିକିଏ ସୁଖୀଆନ୍ତିଆ ହୋଇ ଯାଇଛି । ଦେଖ ଭାଇ, ପିଲାମାନଙ୍କୁ କହି ଦେଉଛି—ମୋ ସାଙ୍ଗରେ କେହି ଲାଗିବ ନାହିଁ । ମୋ ନଖ ଦେଖୁଛନ୍ତି, ପେଟକୁ ଧରି ରାମ୍ପୁଡ଼ି ଦେବି । ସବୁ ଦୁଧ ଦହି ସର ଖାଇ ଠେକ ବଡ଼ା ଖାଲି କରିଦେବି । ସେଥିପାଇଁ ମୋ ସାଙ୍ଗରେ ବନ୍ଧୁତା କରିବ ତ ଭଲ । ତା' ନହେଲେ ମୂଷା ଜଗିବି ନାହିଁ । ମୂଷା

Digitized by srujanika@gmail.com

ନଜଗିଲେ ସେ ତମ ଜାମା ପ୍ୟାଣ୍ଟ କାଟିଦେବ । ତମେ ଆଜ ସ୍କୁଲକୁ ଯିବ କେମିତ ?

ବୁଝିଲ ! ମୁଁ ଯେତକ ଭଲ ସେତକ ମନ୍ଦ । ଦେଖିଛନା ! ଗୋଟାଏ କୁକୁର ମୁହଁକୁ କପର ଘମ୍ପୁଡ଼ ଦେଲ ? ଏଡ଼େ ବୋଦା କୁକୁରଟା ଖାଲ ଭ୍ୟାଉଁ ଭ୍ୟାଉଁ ହୋଇ ମୋ ଆମ୍ଭୁଡ଼ା ଖାଇ ଦୌଡ଼ୁଛୁ । ପୁଣି ମୋ ନଣ ହଲକ ଦେଖିଛକ ନାହିଁ ? କେମିତ ମାନୁଛୁ କହଲ ? ଏତେ ଦୁଧ, ଘିଅ, ମାଛ, ମାଉଁସ ଖାଉଛୁ । ତା ସାଙ୍ଗକୁ ନଣ ହଲକ ନରହଲେ ଲୋକଙ୍କର ଖାତର ରହବ ?

ତମେ ଭାବୁଥିବ ମୋ ମୁହଁରେ ଲଜ ନାହିଁ । ବାଡ଼ଆ ଖାଇ ବ କୋଳରେ ପଶୁଛୁ । ଗୋଡ଼େରେ ଗୋଡ଼େଇ ଦେଲେ ବ ଯାଇ ଘସି ହେଉଚ । ତମେତ ମା' ପାଖରୁ ମାଡ଼ ଖାଉଛ, ପୁଣି କେମିତ ମା' କୋଳରେ ପଶୁଛ ? ତୁମକୁ ତ ଲଜ ମାଡ଼ୁନାହିଁ ? ମୋତେ ଲଜ ମାଡ଼ବ କଆଁ ? କଥା କଣ କ, ମୁଁ ଠିକଏ ନେଳାପାଁ । ପରକୁ ଆପଣାର କରେ । ଯେଉଁ ଘରେ ଥାଏ, ସେ ଘରକୁ ନଜର କର ରହେ ।

Digitized by srujanika@gmail.com

ନିଖିଳ ଉତ୍କଳ ମାରଣା ଷଣ୍ଢ ସମ୍ମିଳନୀ

ମାରଣା ଷଣ୍ଢମାନେ ଖୁବ୍ ରଗିଯାଇଥାନ୍ତି । ସମସ୍ତେ ଖାଲି ଫଁ ଫଁ ହେଉଥାନ୍ତି । ବାରବାଟୀ ପଡ଼ିଆରେ ଷଣ୍ଢ ମହାସଭା ଅନୁଷ୍ଠିତ ହେଲା । କଟକ ସହରରେ ତ ସବୁଆଡ଼େ ନବୁଜ ହୋଇ ଆସିଲାଣି । ଆଉ ଜାଗା ଅଛି ଯେ ସଭା ହେବ ? ତା' ଛଡ଼ା ଗଡ଼ଗଡ଼ିଆ ମହାଦେବଙ୍କ ଷଣ୍ଢ ସବୁ ଷଣ୍ଢମାନଙ୍କୁ ସତ୍କାର କରିବାକୁ ତିଆର । ସଭା ନ ହେବ ବା କମିତି ?

ଷଣ୍ଢମାନେ ସଭା ଆରମ୍ଭ ହେଉ ହେଉ ଗର୍ଜନ ଗୁଡ଼ିଲେ ।—କି ଅପମାନର କଥା ! ସମସ୍ତେ ଆମକୁ ମାରଣା ଷେଣ୍ଢ ବୋଲି କହୁଛନ୍ତି । ପୁଣି ଟିକିଏ ସାଧୁଶବ୍ଦ ଲଗାଇ ହେଲେ ଷଣ୍ଢ ବୋଲି କହନ୍ତେ, ତା ନାହିଁ । ମଫସଲିଆଙ୍କ ପରି ଟାଉନବାଲା ବି ଷେଣ୍ଢ ଷେଣ୍ଢ ଡାକୁଛନ୍ତି । ପାରେଶ୍ୱର ମହାଦେବଙ୍କ ଷଣ୍ଢ କହିଲେ ଷେଣ୍ଢ ତ ଷେଣ୍ଢ । ପୁଣି ମାରଣା ଷେଣ୍ଢ କଣ ? ନିବଣେଶ୍ୱରଙ୍କ ଷଣ୍ଢ କହିଲ, କଥାଟା ବୁଝୁ ନାହଁ କି ? ଆମ ଭିତରେ କେତେଗୁଡ଼ାଏ ମାଇଚିଆ ଷଣ୍ଢ ଥିବାରୁ ଷଣ୍ଢ ଜାତିର ଏ ବଦ୍‌ନାମି । ଲୋକେ କହୁଛନ୍ତି ଷଣ୍ଢ ଗୁଡ଼ାକ ପିଲାମାନଙ୍କୁ ଭୁଷି ପକାଉଛନ୍ତି । କି ଆଶ୍ଚର୍ଯ୍ୟ କଥା ! ଷଣ୍ଢ ଜନ୍ମ ପାଇଛୁ ଯେତେବେଳେ ନ ଭୁଷିବୁ ବା କପରି ? ଆମକୁ ଅଲବତ୍ ଭୁଷିବାକୁ ପଡ଼ିବ । ଯୁଆ କହୁ କହୁ କେତେ ଜଣ ଶିଙ୍ଗ ଠେକି ଫଁ ଫଁ ନିଶ୍ୱାସ ଗୁଡ଼ିଲେ ।

ସଭାପତି ଦେଖିଲେ ଅଣ୍ଡିରି ଷଣ୍ଢଗୁଡ଼ାକ ଏତେ ବେଳଯାଏ ବସି ବସି ଗୋଡ଼ହାତ ବନ୍ଧାଛିଟିକା କଲାରୁ ଏମିତି ହେଉଛନ୍ତି । ତହୁଁ

Digitized by srujanika@gmail.com

ଗଡ଼ଗଡ଼ିଆ ଷଣ୍ଢ କହିଲା, ସ୍ୱେ ଭାଇମାନେ ! ଆଜି ତ ବହୁତ ଆଲୋଚନା ହେଲାଣି । ବସି ବସି ଗୋଡ଼ରୁ ବାଗୁଲି ଉଠିଲାଣି । ତେଣୁ ଏହି ଯେଉଁ ବିସ୍ତୀର୍ଣ୍ଣ ବାରବାଟି ପଡ଼ିଆ ପଡ଼ିଛି, ଯାହାର ଇଚ୍ଛା ହେଉଛି ଯାଅ ଖୁସି ଖାଇବ । ଏ କଥା ପ୍ରସ୍ତୁର ହେଉ ହେଉ ଦ ଗୁରଷ୍ଟା ନୂଆ ଷଣ୍ଢ ମୁଣ୍ଡକୁ ନୁଆଇଁ ଖୁରରେ ମାଟିକୁ ବିଦାରି ପକାଇ ଖୁରୁ ଖାଇଲେ । ସଭାପତି କହିଲେ—ଏ ଖୁରୁ ଖାଇବାଟା ଏକପ୍ରକାର ବ୍ୟାୟାମ । ଯେତେବେଳେ ଲଢ଼େଇ ପାଇଁ କେହି ନ ମିଳନ୍ତି, ସେତେବେଳେ ଖୁରୁ ଖିଆଯାଏ । ଖୁରୁଖିଆକୁ ରସଗୋଲା ଖାଇବା ସଙ୍ଗରେ ତୁଳନା କରାଯାଇପାରେ । ଖୁରୁଖିଆ କାମ ଦେଢ଼ଘଣ୍ଟା କାଳ ଚାଲିଲା ପରେ ସଭାପତି ଘଣ୍ଟି ବଜାଇଲେ । ଘଣ୍ଟି ଶବ୍ଦ ଶୁଣି ସମସ୍ତେ ସଭାରେ ହାଜର ହେଲେ । ସଭା ଆରମ୍ଭ ହେଲା ।

ସଭା ଆରମ୍ଭ ହେଉ ହେଉ ଜଣେ କହିଲା, ଗୋଟିଏ ଦୁଃଖର କଥା ମୁଁ କହୁଛି । ଆମ ଭିତରୁ ପ୍ରାୟ ସମସ୍ତେ ଜଣେ ଜଣେ ଠାକୁରଙ୍କ ବାହାନ । ଲୋକେ ଠାକୁରଙ୍କୁ ଭେଟ କଲେ ପୂର୍ବରୁ ଆମକୁ ପଛଆଡ଼ୁ ଟିକିଏ ଛୁଇଁଦେଇ ମୁଣ୍ଡରେ ଲଗାନ୍ତି । ତାପରେ ଠାକୁର ଘର ଘଣ୍ଟି ବଜାନ୍ତି । କି ଦୁଃଖର କଥା, ଏତେ ଖୋସାମତି କରି ସୁଦ୍ଧା ଆମକୁ ଷଣ୍ଢ ବୋଲି ନ କହି ବାସୁଆ ବଳଦ ବୋଲି କହନ୍ତି । କୁହନ୍ତୁ ଭାଇମାନେ ଆମ୍ଭେମାନେ କଣ ବଳଦ ? ଷଣ୍ଢ ଜାତି ପ୍ରତି ଏହା ଘୋର ଅପମାନ ।

ସମସ୍ତେ କହିଲେ, ସତେ ତ । ଏତେ ଅପମାନ କଥା ଥାଉ ଥାଉ, କୋଉ ହିସାବରେ ସଭା କରି ପ୍ରତିବାଦ କରିବା ବୋଲି କୁଆଟାରେ ଭାବ ହେଉଛେ ? ଦେଖନ୍ତୋ, ଏଇ ସାଧାରଣ କଥାଟାରେ ଏତେ ଅପମାନ ଅଛି ! କି ମୂର୍ଖ ଆମେ ? ଆଜି ପର୍ଯ୍ୟନ୍ତ କିଛି ବୁଝିପାରୁ ନ ଥିଲେ ।

ତହୁଁ ଧବଳେଶ୍ୱରଙ୍କ ଷଣ୍ଢ କହିଲା, ତେବେ ଏଇ ଏକ ନମ୍ବର ଷଣ୍ଢକୁ ନେତା ରୂପେ ବଛାଯାଉ । ଆମେ ଯାହାକୁ ଅପମାନ ବୋଲି

Digitized by srujanika@gmail.com

ମନେ କରୁଥିଲେ ସେ ଆମକୁ ତାହା ଦେଖାଇ ଦେଲେ । ଆମ ଆଖି ଖୋଲି ଦେଲେ । ସବୁ ଜାତିରେ ନେତା ଥିବାରୁ ଅଭାବ ଅସୁବିଧା ଗୁଡ଼ାକ କେତେ କଷ୍ଟରେ ବାହାର କରୁଛନ୍ତି । ଆମେ ତ ଠାକୁରଙ୍କ ପାଖରେ ରହି ଦୁଧ କଦଳୀ ଖାଇ ଫୁଲୁଛୁ । ଅପମାନ କୋଉଠି ରହୁଛି. ଜାଣିବା କୋଉଠି ? ଯୋଉ ଷଣ୍ଢମାନେ ଆଜି ପର୍ଯ୍ୟନ୍ତ ଗୃହସ୍ଥ ପାଇ ନାହାନ୍ତି, ଅର୍ଥାତ୍ କୌଣସି ଠାକୁରଙ୍କୁ ଧରି ନାହାନ୍ତି, ଏ ସବୁ କାମ ପାଇଁ ସେଇମାନେ ଉପଯୁକ୍ତ । ତାଙ୍କରି ଭିତରୁ ଗୋଟିଏ ନେତା ବାଛିବା । ଯଦି ଶୋଭାଯାତ୍ରା କରିବାକୁ କେବେ ପଡ଼େ, କିମ୍ବା ଧର୍ମଘଟ କରିବାକୁ ପଡ଼େ, ସେ ବଳେ ଆମକୁ ଜଣାଇବେ ।

ଏ କଥାରେ ସମସ୍ତେ ଏକମତ ହେଲେ । ନେତା ଜଣକ କହିଲେ, ହଉ ଆଜିଠୁଁ ତ ନେତା ହେଲି । ଏଣିକି ସମସ୍ତେ ମୋ କଥା ମାନ । ଏଣିକି ମାଇତଆ ତଙ୍ଗ ଗୁଡ଼ ଯଦି ପିଲ୍‌ଙ୍କୁ ଭୂଷି ଦେବାକୁ ସତ ନ ବଳୁଛି, ତେବେ ଏମିତି ଷ୍ଟାଇଲରେ ମୁଣ୍ଡକୁ କରିବ, ଯେମିତି ସେଇଟା ଭୂଷିଲ୍ ଭଳିଆ ଦିଶିବ । ଆଜିକାଲି ତ ଏମିତି କଥା ଯଥେଷ୍ଟ ହେଉଛି । କାମ ନ କରି ମଧ୍ୟ କାମ କଲାପରି ଦିଶୁଛନ୍ତି । ପାଠ ନ ପଢ଼ି ମଧ୍ୟ ପଢ଼ିଲା ପରି ଦିଶୁଛନ୍ତି । ସେହିପରି ନ ଭୂଷି ମଧ୍ୟ ଆମେ ଭୂଷିଲାପରି ଦିଶିବା ।

ନେତାଙ୍କର କଥାଟା ସମସ୍ତଙ୍କ ମନକୁ ପାଇଲା । ଜଣେ କହିଲା ଦେଖିଲ ? ନେତା ହେଉ ହେଉ କିପରି ହାତ ଦେଖେଇଲେଣି । ଜଣା-ପଡ଼ୁଛି ଆମ ଶିଶୁ ଅନୁଷ୍ଠାନ 'ଷଣ୍ଢ ସଂସଦ' ଅଳ୍ପଦିନ ଭିତରେ ଲୋକପ୍ରିୟ ହୋଇଯିବ । ଯାହାକୁ ଅତି ଶୀଘ୍ର ରେଜେଷ୍ଟ୍ରି କରି ଖବର କାଗଜରେ ବାହାର କରିଦିଅ ।

ଷଣ୍ଢ ନେତା କହିଲେ ସବୁ ହବ, ସବୁ ହବ । ଖାଲି ସବୁର କର । ସେଦିନ ଏହିପରି ଶୃଙ୍ଖଳା ସହିତ ପ୍ରଥମ ଷଣ୍ଢ ସମ୍ମିଳନୀ ଶେଷ ହେଲା ।

●

Digitized by srujanika@gmail.com

ଗେଣ୍ଡା ମହାତ୍ମା

ସବୁ ଜନ୍ତୁଜନ୍ତା ପୁରସ୍କାର ନେଇ ସାରିଲେ ପରେ ଗୋଟିଏ ପୁରସ୍କାର ବଳିଲା । ସେ ପୁରସ୍କାରଟି କାହାକୁ ଦିଆଯିବ, ବିଚାର ପଡ଼ିଥାଏ । ଭଗବାନ କହିଲେ ଦେଖ, ଆଉ କାଳେ କେଉଁଠି ପୋକ ଯୋକ ଲୁଚି ରହି ଯାଇଥିବେ । ଆଜିକାଲି ଗୋଟାଏ ଲେଖାଏଁ ପୁରସ୍କାର ନ ଦେଲେ ସମସ୍ତଙ୍କ ମନ କଷ୍ଟ । କିନ୍ତୁ ଏଇ ଯେଉଁ ଶେଷ ପୁରସ୍କାରଟା ଦିଆଯିବ, ଏଇଟା ଯାହାକୁ ପାରି ତାକୁ ଦିଆଯିବ ନାହିଁ । ତାର ଗୋଟାଏ ବିଶେଷ ଗୁଣ ଥିବା ଦରକାର ।

ଥିଲା ଥିଲା କୋଚିଆ କହିଲା—ଆମ ଭିତରେ ଜଣେ ପୁରୁଖା ଲୋକ ରହିଗଲା । ସେ କୋଉ ଅମଳର ଲୋକ । ବୋଧହୁଏ ସତ୍ୟଯୁଗର ହେବ ! ଅନ୍ୟାନ୍ୟ ମାନେ କହିଲେ, କଣ ହେଲା ? ସତ୍ୟ ଯୁଗର ଲୋକ କଳିଯୁଗରେ ଲୁଚି ରହିଛି ? ତାକୁ ତେବେ ବାହାର କରିବାକୁ ପଡ଼ିବ । ତେବେ କିଏ ସେ ମହାତ୍ମା ? ଜଲ୍‌ଦି ତା ନାଁ ପ୍ରକାଶ କର । କୋଚିଆ କହିଲା, ସେ ହେଉଛନ୍ତି ମହାତ୍ମା ଗେଣ୍ଡା । ଆମ ଜଳରାଜ୍ୟରେ ତାଙ୍କ ଘର ।

କଣ ? ମହାତ୍ମା ଗେଣ୍ଡା ! ଗେଣ୍ଡା ପୁଣି କେବେ ମହାତ୍ମା ଉପାଧି ପାଇଲାଣି ? କଣ ଆଜିକାଲି ଉପାଧି ଗୁଡ଼ାକ ଶସ୍ତା ହୋଇଗଲା କି ? କିଏ ତାକୁ ସେ ଉପାଧି ଦେଲା ?

Digitized by srujanika@gmail.com

ସମସ୍ତେ କହିଲେ ଏଇ ଗୁରୁ କୋଚଆଟା କଥାରେ ଭଗବାନଙ୍କୁ ଥଟ୍ଟା କରିଦେଲା ଦେଖିଛ ! ଭଗବାନ ମଧ୍ୟ ଗମ୍ଭୀର ହୋଇଗଲେ, କହିଲେ, ଅତି ଶୀଘ୍ର ଗେଣ୍ଡାର ଗୁଣ ଗ୍ରାମ ପ୍ରକାଶ କର । ତା ନହେଲେ ତମ କୋଚଆଗିରି ଛଡ଼ାଇ ଦେବି ।

କୋଚଆ କହିଲା, ଭଗବାନ ସାର୍, ଆପଣ ମୋ ଉପରେ କାହିଁକି ଏତେ ବିଗୁଡ଼ୁଛନ୍ତି ? ମୁଁ ତ କିଛି ମିଛ କଥା କହିନାହିଁ ? ଆପଣ ସତ୍ୟଯୁଗରେ ମତ୍ସ୍ୟ ଅବତାରରେ ଶଙ୍ଖାସୁରକୁ ମାରିଥିଲେ । ଆପଣ ଦେଖନ୍ତୁ ଗେଣ୍ଡାଟା ଠିକ୍ ଶଙ୍ଖ ପରି ଦିଶୁଛି କି ନା । ସମସ୍ତେ କହିଲେ ଆରେ ସତ କଥାତ । କୋଚଆ କହିଲା ଗେଣ୍ଡା ହେଉଛି ଶଙ୍ଖର କୁଟୁମ୍ବ । ସେ ଶଙ୍ଖ ପରି ଏତେ ବଡ଼ ଓ ଧଳା ଥିଲା । ଦେଖିବାକୁ ସୁନ୍ଦର ଥିଲା । କାଳକ୍ରମେ ସମୁଦ୍ରରୁ ଥୋଡ଼ାଏ ଶଙ୍ଖ ଉଠିଆସି ନଈ ନାଳ ଓ ପୋଖରୀରେ ବାସ କଲେ । ମଇଳା ପାଣି ହେତୁ ଦେହ ମଇଳା ହୋଇଗଲା । ଭିଟାମିନ୍ ଖାଦ୍ୟ ଅଭାବରୁ କ୍ରମେ କ୍ରମେ ଏମାନେ ଗ୍ଲେଣ୍ଟ ହୋଇଗଲେ ।

ଭଗବାନ୍ ଚମତ୍କୃତ ହୋଇ ପଡ଼ିଲେ । ଏତେବଡ଼ ଖବର ମୋତେ ଜଣାନାହିଁ । ଶଙ୍ଖାସୁର ସିନା ମୋ ଶତ୍ରୁ ହେଲା । ତା ବୋଲି ତା ବଂଶର ସମସ୍ତେ କଣ ଶାସ୍ତି ଭୋଗିବେ ? ନାଃ ଯଲ୍‌ଦି ଗେଣ୍ଡାକୁ ଡକାଅ ।

ତାପରେ ଧୀର ମନ୍ଥର ଗତିରେ । ଗେଣ୍ଡାବାବୁ ଭଗବାନଙ୍କ ନିକଟକୁ ଆସିଲେ । ଭଗବାନ କହିଲେ ତୁମେ ଏତେ ଆସ୍ତେ ଚାଲୁଛ କାହିଁ ? କଣ ହାତପା ଖରାପ ହୋଇଛି ନା । କଣ ? ତମ ନାକ ଅଗରେ ସେ ଶିଙ୍ଗ ଦିଟା କାହିଁକି ହୋଇଛି ? ଚାଲିଲା ବେଳେ ତାକୁ ହଲେଇ ହଲେଇ ଚାଲୁଛ କାହିଁ ?

ଗେଣ୍ଡା କହିଲା, ଭଗବାନ ! ମୋର ହବୁଆଡ଼େ ବିପଦ । ଶତ୍ରୁ ଆକ୍ରମଣ କଲେ ମୁଁ ଶୀଘ୍ର ପଳାଇଯାଇ ପାରିବି ନାହିଁ । କାରଣ ମୁଁ ସୁସ୍ଥି ଲୋକ । ଅପୃସରେ ବଢି ଆସିଛି । ଅଥଚ ଆତ୍ମରକ୍ଷା କରିବାକୁ

Digitized by srujanika@gmail.com

ହେବ । ଶତ୍ରୁ ଆସିଲେ ଏହି ଶିଙ୍ଗକୁ ହଲାଇ ତାକୁ ଡରାଇ ଦେବ । ମୋର ଏ ଶିଙ୍ଗ ବ୍ଲେଡ୍ ପରି ଧାରୁଆ । ବାଜ୍ ବାଜ୍ ପଚ୍‌କରି କଟି-ଯିବ । ମୁଁ ଶଙ୍ଖାସୁରର ବଂଶଧର । ମରିବି ଯଦି ମାରିବି ମରିବ । ଖିରୁଙ୍କ ପରି ମରିବ କାହିଁକି । ଛେଳଙ୍କ ପରି ଛୁରୀ ଆଗରେ ବେକ ଦେଖାଇବା ମୋ ଜାତକରେ ନାହିଁ । ମୋର ଏ ଅସ୍ତ୍ରରେ ଖୋଳ ନାହିଁ । ଏହା ସବୁ-ବେଳେ ଖୋଲା । ଯେତେବେଳେ ଇଚ୍ଛା ସେତେବେଳେ ସ୍ୱାକୁ ବ୍ୟବହାର କରିପାରିବ ।

ଭଗବାନ୍ କହିଲେ ସାବାସ୍‌ରେ ଗେଣ୍ଡାପୁଅ । ସଂସାରରେ କେତେ ଜୀବ ଅଛନ୍ତି ଆତ୍ମରକ୍ଷା କରିପାରନ୍ତି ନାହିଁ । କେହି କେହି ଦୌଡ଼ି ପଳାନ୍ତି, କେହି କେହି ଗଡ଼ି ଗୁଡନ୍ତି । ଆଉ କେତେକ ଚୁପ୍‌ଚାପ୍ ବସି ଯାଆନ୍ତି । ପାଟି ନାହିଁ, ଗୋଳ ନାହିଁ, ଚୁପ୍ ହୋଇ ମରନ୍ତି । ଏମିତି କୋଟି ଯୁଗରୁ ଚାଲି ଆସିଛି । ତମେ ଏତେ ବଳକଟେ ଜୀବ ହୋଇ ଯେଉଁ ସାହସ ଦେଖାଇଛ ବଡ଼ ବଡ଼ ଜନ୍ତୁଙ୍କ ଠାରେ ତାହା ନାହିଁ । ବାସ୍ତବରେ ତମେ ଗୋଟାଏ ପୁରସ୍କାର ପାଇବା କଥା ।

ଗେଣ୍ଡା କହିଲା—ଆପଣ ପୁରସ୍କାର ଦେଲେ ହଅନ୍ତୁ, ନ ଦେଲେ ନାଇଁ, ସେଥିପାଇଁ ମୋର ଦୁଃଖ ନାହିଁ । ମୋର ମହାତ୍ମା ପଦବୀ ଦରକାର ନାହିଁ । ଭଗବାନ୍ କହିଲେ—ତୁମର କୌଣସି ଜିନିଷ ପ୍ରତି ଲୋଭ ନାହିଁ ? ବଡ଼ ଆଶ୍ଚର୍ଯ୍ୟ କଥା ! ଆଜି ପର୍ଯ୍ୟନ୍ତ ତୁମେ ପାଣି ଭିତରେ ରହି ଆସିଛ । ତେଣୁ ସେ ଜଳ ରାଜ୍ୟର ଭଲମନ୍ଦ ତମକୁ ଜଣା । ଯୁଦ୍ଧବେଳେ ସବ୍‌ମେରିନ୍ ଯେଉଁ କାମ କରେ ତୁମେ ସହଜରେ ସେହି କାମ କରିପାରିବ । ସବ୍‌ମେରିନ୍ ସବୁବେଳେ ପାଣିରେ ରହି ପାରେନା । କିନ୍ତୁ ତୁମେ ପାରିବ ।

ଗେଣ୍ଡା କହିଲା ଭଗବାନ୍ ! ଯଦି ଯୁଦ୍ଧ ସମୟରେ ମୋର ସାହାଯ୍ୟ ଲୋଡ଼ନ୍ତି ତେବେ ମୁଁ ପ୍ରସ୍ତୁତ । ଖାଲି ଏତିକି ତୁମେ ଦୟାକର, ମୋର ବେଗ ଟିକିଏ ବଢ଼ିଯାଉ । ତାହାଲେ ମୁଁ ଅସାଧ୍ୟ ସାଧନ କରିବି ।

Digitized by srujanika@gmail.com

ଭଗବାନ କହିଲେ ଯୁଦ୍ଧ ସମୟ ଆସିଲେ ତମର ବେଗ ବଢ଼ାଇ ଦିଆଯିବ .। ବର୍ତ୍ତମାନ ସେତିକି ଥାଉ । ବର୍ତ୍ତମାନ ଲୋକେ କହନ୍ତି ଗେଣ୍ଡାଟି ଖୁବ୍ ସୁନ୍ଦର । କବିମାନେ କହିବେ ଅମୁକ ଲୋକଟି ଗେଣ୍ଡା ନାକୀ ? ତା ନାକ ଆଗରେ ବାଟୁଳିଟିଏ ରହିଲାପରି ଜଣା ପଡ଼ୁଛି ।

ଗେଣ୍ଡା କହିଲା, ସୁନ୍ଦର ଲୋକମାନଙ୍କ ସହ ମୋର ସମ୍ପର୍କ ନାହିଁ । ସମସ୍ତେ ତ ସୁନ୍ଦରକୁ ଟେକିଲେ । ଅସୁନ୍ଦର ପକ୍ଷ ତ କେହି ହେଉ ନାହାନ୍ତି । ସମସ୍ତେ ସେମାନଙ୍କୁ ଘୃଣା କରୁଛନ୍ତି । ମାତ୍ର ମୁଁ ଅସୁନ୍ଦର ମାନଙ୍କ ବନ୍ଧୁ । କବିମାନେ କୌଣସି ସୁନ୍ଦରୀ ଝିଅକୁ ଯଦି ଦେଖି କହିବେ ସେ ଝିଅଟି ଗେଣ୍ଡା ନାକୀ, ତେବେ ମୋ ମନ ଖୁସି ହେବ । ଦୟାକରି ଜଳ ବାହିନୀ ସୈନ୍ୟ ଦଳରେ ମୋ ନାଁ ଲେଖାଇ ଦିଅନ୍ତୁ ।

ଭଗବାନ କହିଲେ ଏଥର ଲୋକେ ତୁମକୁ ଖାତିର କରିବେ, ଛଚଉ ଅମାବାସ୍ୟାରେ ତୁମପାଇଁ ନଈ ନାଳ ପୋଖରୀରେ ପିଠା ଫିଙ୍ଗାଯିବ । ମହାତ୍ମା ପଦଟା ଘରେ ରଖିଥାଅ । ଲୋକେ ଉପାଧି ପାଇଁ ବ୍ୟସ୍ତ । ମାତ୍ର ତୁମେ ଉପାଧି ନ ନେଲେ ବି ଖୁସି । ତୁମ ନାଁଟା ମୁଁ ଚିପି ରଖିଲି ।

ଗେଣ୍ଡା ଖୁସିହେଲା । ବିଶେଷ ପୁରସ୍କାରଟା ପାଇଲା । କୋଡଅ ଗେଣ୍ଡା ନାଁ କହିଥିବାରୁ ତାକୁ ମଧ୍ୟ ଧନ୍ୟବାଦଟାଏ ଦିଆଗଲା ।

Digitized by srujanika@gmail.com

ଗଧ ସଭା

ଗଧମାନଙ୍କ ଭିତରେ ଦିନେ ବିଚାର ପଡ଼ିଲା—ଏଣିକି ଗୋଟାଏ ଖଣ୍ଡେ ସଭା ନ କଲେ ନ ଚଳେ। ଆଜିକାଲି ସଭା ସମିତି କରି ହାକିମ-ମାନଙ୍କ ଉପରେ ଥୋଡ଼ାଏ ଗରମାଗରମ ଶୋଧା ବା ଗାଳି ବୃଷ୍ଟି କରିବାକୁ ହେବ। ଏମିତି ନକଲେ ଯେଉଁମାନେ ହାକିମ ଓ ମାଲିକ ସେମାନଙ୍କ ମୁହଁ ବଢ଼ିଯିବ।

ଦଶ ପନ୍ଦରଟା ଗଧ ଘାସ ପଡ଼ିଆରେ ଚରୁଥିଲେ। ନେତା ଗଧମାନେ ସେମାନଙ୍କ ପାଖରେ ପହଞ୍ଚି କହିଲେ—ଜାଗ ଗଧଜାତି ଜାଗ। କାଲି ଦିନ ଦିପହରେ ଗଡ଼ଗଡ଼ିଆ ଘାଟ ପାଖରେ ବିରାଟ ଗଧମେଳା ହେବାକୁ ଯାଉଛି। ତୁମ୍ଭେମାନେ ତୁମ ବନ୍ଧୁ ବାନ୍ଧବଙ୍କୁ ନେଇ ସଭାରେ ଯୋଗଦେବ। ସଭାରେ ଅନେକ ଗୁଡ଼ିଏ ପ୍ରସ୍ତାବ ପାଶ୍‌ହେବ। ତୁମେ ସେ ସବୁ ବୁଝ ନବୁଝ ଖାଲି ସମର୍ଥନ କରି ହେଁ ହାଁ ରଡ଼ି ଛାଡ଼ିବ।

ସତକୁ ସତ ତହିଁ ଆରଦିନ ଗଧ ଭଦ୍ରଲୋକମାନେ ପୋଷାକ ପତ୍ର ପିନ୍ଧି ବାହାରିଲେ। ଏକଥା ଦେଖି ଗଧୁଣୀମାନେ କହିଲେ, ଆରେ ମାଇପେ ନ ଗଲେ ସଭା କି ହୁଏ? ଏ କଥାରେ ସମସ୍ତେ ରାଜିହେଲେ।

ଖରାବେଳକୁ ଗଡ଼ଗଡ଼ିଆ ଘାଟରେ ଗଧମାନେ ପହଞ୍ଚିଗଲେ। ଗଧୁଣୀମାନେ କହିଲେ ଆମକୁ ବାଟଛାଡ଼। ଆମେ ପରା ଲେଡ଼ି! ଲେଡ଼ିମାନେ ଆଗ ନ ବସି ଆଉ କଣ ଅଣ୍ଡିରାପୁଅମାନେ ଆଗରେ ବସିବ?

Digitized by srujanika@gmail.com

ଏହା କହି ଗଧୂଣୀମାନେ ହୁଳହୁଳି ପକାଇଲେ । ତା ସାଙ୍ଗକୁ ଗଧମାନଙ୍କ ହରିବୋଲ ଧ୍ୱନି ବଡ଼ ଚମତ୍କାର ହେଲା । ସେ ଶବ୍ଦ ଯାଇ ବାଜିଲା ଶପ୍ତଶଯ୍ୟା ପାହାଡ଼ରେ । ସେଠାରୁ ଗଧ ଗଧୂଣୀମାନେ ଛୁଟିଲେ । ଖାଲି କଥାବାର୍ତ୍ତା ଖାଁ ଖାଁ । ତାଙ୍କ ମାତୃଭାଷା ତାଙ୍କୁ ବଡ଼ । ଅନ୍ୟମାନେ କଏ ବୁଝିଲେ କେତେ ନ ବୁଝିଲେ କେତେ ?

ସଭା ଆରମ୍ଭ ହେବ । ସଭାପତି ଗଧମାନଙ୍କୁ କହିଲେ, ତୁମ୍ଭମାନଙ୍କର ସାଙ୍ଗଣା ନାହିଁ । ସମସ୍ତେ ଲାଙ୍ଗୁଳ ଟେକି ବସ । ତାଙ୍କ କଥାରେ ସମସ୍ତେ ଲାଙ୍ଗୁଳ ଟେକି ବସିଲେ । ତାପରେ ସମସ୍ତଙ୍କ ଆଗରେ ହଡ଼ାଏ ଲେଖାଏ ଘାସ ଥୁଆଗଲା । ସଭାପତି କହିଲେ, ଏଥର ଟିଫିନ୍ ବେଳ । ସମସ୍ତେ ଜଳଖିଆ ଚଳ ଗେଳିବାଇବାରେ ଲାଗିଯାଅ । କିନ୍ତୁ ଗଧ ଜାତିରେ କେହି ଗୁହା ପିଅନ୍ତି ନାହିଁ । ଅତଏବ ଜଳଖିଆ ଖାଇ ମହାନଦୀରୁ ପେଟେ ଲେଖାଏଁ ପାଣି ପିଇଦେଇ ଆସ । ସେଇଆ ହେଲା ।

ଏହାପରେ ଆରମ୍ଭ ହେଲା ଗଧ ମହାସଭା । ଗଧୂଣୀମାନଙ୍କ ଭିତରେ ଯେ ମାମଲତକାର, ସେ ପ୍ରାରମ୍ଭିକ ସଙ୍ଗୀତ ଗାନ କଲା । ଏହାପରେ ଢେର ଢେର ବକ୍ତୃତା ହେଲା । ବକ୍ତୃତା ଦେଇ ଦେଇ ସଭାପତି ତିନ ବାଲଟି ପାଣି ପିଇଗଲେ ।

ସଭାରେ ଶେଷକୁ କେତୋଟି ପ୍ରସ୍ତାବ ଗୃହୀତ ହେଲା । ସେଗୁଡ଼ିକ ହେଲା—

୧—ମାଲିକମାନେ ଏଣିକି ଗଧମାନଙ୍କୁ ଚାରି ଘଣ୍ଟାରୁ ଅଧିକ ଖଟାଇ ପାରିବେ ନାହିଁ ।

୨—ଖଟିଖଟି ଆସି ଘରେ ବନ୍ଧାହେଲା ପରେ ମାଲିକମାନେ ସେମାନଙ୍କ ଅଣ୍ଟା ଚିପିବେ ଓ ଗୋଡ଼ରେ ସୋରିଷ ତେଲ ମାଲିସ କରିବେ ।

Digitized by srujanika@gmail.com

୩—ଗଧମାନଙ୍କୁ ଏଣିକି କେହି ତୁ ତା କରିପାରିବେ ନାହିଁ । କାମ କରାଇଲା ବେଳେ ଖାଲି ଆପଣ, ହଜୁର ଓ ଆଜ୍ଞା ବୋଲି କହୁଥିବେ ।

୪—ମାଲିକମାନେ ଯେଉଁ ବୋଝ ଲଦିବେ, ତାହା ସେପରି ତୁଳାପରି ହାଲୁକା ହୋଇଥିବ ।

୫—ଗଧ ଉପରେ ବସିଲା ବେଳେ କେହି ଗୋଡ଼ ବଟେଇ ପାରିବେ ନାହିଁ । ଗୋଡ଼ ବଟେଇଲେ କଷ୍ଟ ହେବାକୁ ବାଧ୍ୟ ।

୬—ଗଧଙ୍କ ଭିତରୁ ଜାତିପ୍ରଥା ଉଠିଯିବ । ଅର୍ଥାତ୍ କାଠୁରିଆ ଗଧ ଓ ଧୋବା ଗଧ ଭିତରେ କିଛି ବାରଣ ରହିବ ନାହିଁ ।

୭—ଗଧମାନଙ୍କୁ ମାଲିକମାନେ ଘାସ ଖାଇବାକୁ ବାଧ୍ୟ କରିପାରିବେ ନାହିଁ । ପ୍ରତି ସପ୍ତାହରେ ଦୁଇ ତିନିଥର ପଲାଉ ଓ ପରଟା ଦେବାକୁ ପଡ଼ିବ ।

୮—ପ୍ରତିଦିନ ସନ୍ଧ୍ୟାବେଳେ ଗଧମାନଙ୍କୁ ସଙ୍ଗୀତ ଅଭ୍ୟାସ କରିବାକୁ ମାଲିକମାନେ ଛାଡ଼ିଦେବେ ଓ ସେ ସଙ୍ଗୀତ ସେମାନେ ଶୁଣିବାକୁ ବାଧ୍ୟ ହେବେ ।

୯—ଗଧମାନଙ୍କୁ କେହି ପିଟି ପାରିବେ ନାହିଁ । ପିଟିବା ଦରକାର ହେଲେ ଗଧସଂଘର ସେକ୍ରେଟେରୀଙ୍କ ପାଖକୁ ଏହିପରି ଦରଖାସ୍ତ ଲେଖିବେ—

ଶ୍ରୀଳ ଶ୍ରୀଯୁକ୍ତ ଗଧ ସଂପାଦକ ମହୋଦୟେଷୁ,

ଆଜି ମୋର ଶ୍ରୀମାନ ଗଧର ଶ୍ରୀପିଠିରେ ତିନି ଗୁରୁ ପାହାର ବେତମାଡ଼ ବସାଇବାକୁ ଅନୁମତି ମିଳୁ ।

। ଇତି । ଆପଣଙ୍କର
ଅମୁକ ତମୁକ ମିଶ୍ର

Digitized by srujanika@gmail.com

ଏହା ପଛକୁ ଗଧୁଣୀମାନେ ଆଉ ଗୋଟିଏ ସର୍ତ୍ତ ଯୋଡ଼ ଦେଲେ—

୧୦--ଗଧୁଣୀମାନେ ପିଲାଜନ୍ମ କଲାବେଳେ ମଣିଷଙ୍କ ଡାକ୍ତରଖାନାରେ ରହିବେ । ସେମାନଙ୍କ ଖଟରେ ଶୋଇବେ । ମାଲିକମାନେ ସେମାନଙ୍କ ଘୂଅ ମୂତ ସବୁ ପୋଛିବେ ।

ପ୍ରସ୍ତାବ ଗୁଡ଼ିକ ସର୍ବ ସମ୍ମତି କ୍ରମେ ଗୃହୀତ ହେଲାପରେ ଦେଖାଗଲା ଗଧମାନଙ୍କ ମାଲିକମାନେ ଠେଙ୍ଗାଧରି ଦୌଡ଼ିଛନ୍ତି । ଏହା ଦେଖି ଯେ ଯୁଆଡ଼େ ଚମ୍ପଟ୍ ଦେଲେ । ଏତେ ବଡ଼ ମହାସଭାଟା ପାଞ୍ଚ ମିନଟ୍ ଭିତରେ ଭାଙ୍ଗିଗଲା ।

●

Digitized by srujanika@gmail.com

ମୂଷାଛୁଆଙ୍କ ପାଠପଢ଼ା

ମୂଷା ମାଉସୀ ମଣିଷ ଛୁଆଙ୍କ ପରି ତା ପୁଅମାନଙ୍କ ନାଁ ଦେଇଥାଏ ବୁଲୁ ଓ ଟୁଲୁ । ବୁଲୁ ଟୁଲୁ ଜାମା ପ୍ୟାଣ୍ଟ ପିନ୍ଧି ମଣିଷ ଛୁଆଙ୍କ ପରି ଦେଖାଇହୁଅନ୍ତି । ଘରଯାକ ଡିଆଁ ଡେଇଁ କରନ୍ତି । କହିଲେ କହନ୍ତି ଆମେ ବିଲେଇକୁ କେୟାର କରୁନା । ମୂଷା ମାଉସୀ କହେ ହଇରେ ପିଲେ, ଏମିତି ହେଉଛ କିଆଁ ? ତମ ଭାଗ୍ୟକୁ ବିଲେଇଟାଏ ଏ ଘରେ ନାହିଁ । ତା ନହେଲେ ତମ ମଜା ବାହାରି ଯାଆନ୍ତା, ବୁଲୁ କହିଲା, ବୁଝିଲୁ ବୋଉ, ଆଉ ସେ ଯୁଗ ନାହିଁ । ଭାରତ ସ୍ୱାଧୀନ ହେଲାପରେ ଆମେ ଆଉ କାହାକୁ ଖାତିର କରୁନାହୁଁ । ମହାତ୍ମାଗାନ୍ଧି କହିଛନ୍ତି କେହି କାହାକୁ ମାରି ପାରିବେ ନାହିଁ । ଏଣିକି ମଣିଷମାନେ ଆମକୁ ଆଜ୍ଞା ଆପଣ କରିବା ଉଚିତ । ମୂଷା ମାଉସୀ କହିଲା, ନାହିଁରେ ପୁଅ, ସେ କଥା କହନା । ବେଶୀ ଗର୍ବ କଲେ କେତେବେଳେ ବିପଦ ଚାଲି ଆସିବ ।

ସେଦିନ ଟୁଲୁ ଜିଦ୍ ଧରିଲା ସେ ପାଠ ପଢ଼ିବ । ଏକଥା ଶୁଣି ମୂଷା ମାଉସୀ ହସି ହସି ଗଡ଼ିଗଲା । କହିଲା ଛି ଛି ସେକଥା ମୁହଁରେ ଧରନା । ଆମ ମୂଷା ଜାତିରେ ପାଠ ପଢ଼ିବା ମନା । ମୂଷା ଜାତିରେ ଜନ୍ମ ହୋଇ ଭାବିଛୁ ଓକିଲ ବାରିଷ୍ଟର ହେବୁ ? ଆରେ ମଣିଷ ପିଲାତ ପାଠ ପଢ଼ି ଚାକିରି ପାଉ ନାହାନ୍ତି । ତୋତେ କିଏ ଚାକିରି ଦେବ ?

Digitized by srujanika@gmail.com

ଝୁଲୁ ବିରକ୍ତ ହୋଇ କହିଲା—ଛି ଛି ସେ କ ମଫସଲିଆ କଥା କହୁଛୁ ? ମଣିଷମାନେ ସିନା ପାଠ ପଢ଼ି ଚାକର ହେବେ । ଆମେ ପରା ମୂଷା ? ଆମେ ପୂରା ସ୍ୱାଧୀନ । ବୁଝିଲୁ ? ଖାଲି ସଉକରେ ପାଠ ପଢ଼ିବା କଥା ମୂଷା ମାଉସୀ କହିଲା, କେଜାଣିରେ ପୁଅ ଆମ ଚଉଦ ପୁରୁଷରେ ତ କେହି ପାଠ ପଢ଼ିନାହାନ୍ତି । ତୁ ଏବେ ଗୋଟାଏ ନୂଆ କଥା ବାହାର କଲୁ । ଆଚ୍ଛା, ତୁ ଯେଉଁ ବହି ପଢ଼ିବୁ, ସେଥିରେ ଲେଖାଥିବ ଚୋରି କରିବା ପାପ । ଆଚ୍ଛା କହତ, ମୂଷା ଜନ୍ମପାଇ ଯଦି ଚୋରି ନ କରିବା ତେବେ ବଞ୍ଚିବା କିପରି ? ଝୁଲୁ ଏ କଥାରେ ହି ହି ହୋ ହସିଲା । କହିଲା, ଆଚ୍ଛା ପାଠ ପଢ଼ିଲେ କେହି ଚୋରି କରିବେ ନାହିଁ, ଏ କଥା ତୋତେ କିଏ କହିଲା, କଲେ ପାଠ ବେଳେ ପାଠ ପଢ଼ା ହେବ, ଚୋରି ବେଳେ ଚୋରି କରାଯିବ । ତା ଛଡ଼ା ଯେଉଁ ବହିରେ ଚୋରି କରିବା ପାପ ବୋଲି ଲେଖାଥିଲା, ସେ ବହି ଆଉ ଚଳୁନାହିଁ । ଏଣିକି ସ୍ୱାଧୀନ ଭାବରେ ଚୋରି କରି ହେବ ।

ମୂଷା ମାଉସୀ କହିଲା ନାହିଁରେ ବାପ, ହ ଆଡ଼େ ଗୋଡ଼ଦେଲେ ମଡ଼ିରେ ପଡ଼ି ମରିବା । କରିବୁ ତ ମୂଷାଙ୍କ ବ୍ୟବସାୟ କର, ତା ନ ହେଲେ ବମ୍ବେ କଲିକତା ଯାଇ ବାବୁ ହୋଇ ବସ । ଝୁଲୁ କହିଲା ତୁ ଓଲୁଟା । ମୋଟେ ବୁଝି ପାରୁ ନାହୁଁ । ପାଠ ପଢ଼ିଲେ ସିନା ନୂଆ ନୂଆ ରକମର କିପରି ଚୋରି କରନ୍ତି ଶିଖିବ ? ବହି ତ ପଢ଼ି ପାରିବ ନାହିଁ । ନୂଆ ଚୋରି ବିଦ୍ୟା ଶିଖିବ କିପରି ? ଆଜିକାଲି ମଣିଷମାନଙ୍କ ଭିତରେ କଣ ମୂର୍ଖ ଚୋର ଅଛନ୍ତି ? ବୁଝିଲୁ, ଏବେ ପୁରୁଣା କାଳିଆ ଢଙ୍ଗରେ ଚୋରି ଚଳୁନାହିଁ । ଏବେ ଚୋରମାନଙ୍କୁ ତାଲିମ କରିବା ପାଇଁ ପରା କଲେଜ ସବୁ ବସିଲାଣି !

ଏ କଥା ଶୁଣି ମୂଷା ମାଉସୀ ଖୁସି ହୋଇଗଲା । କହିଲା, ଯାହା ହେଉରେ ପୁଅ, ଧନ୍ୟ ତୋ ବୁଦ୍ଧି ! ହଉ, କାଲିକି ତୋ ପାଠ-ପଢ଼ା ବନ୍ଦୋବସ୍ତ କରୁଛି । ତହିଁ ଆରଦିନ ସକାଳୁ ସକାଳୁ ମୂଷା ମାଉସୀ ଅବଧାନଙ୍କ ପାଖରେ ହାଜର । ଅବଧାନଙ୍କୁ ଜୁହାର ହୋଇ କହିଲା,

Digitized by srujanika@gmail.com

ଅବଧାନେ ଓଳଗି । କଣ ଚିହ୍ନି ପାରୁଛ ତ ? ତମର ମୋର ତ ବନ୍ଧୁ ଦିନରୁ ଚିହ୍ନା ପରିଚୟ ଅଛି । ତମର କେତେ କୋଥଳି ଓ ଲୁଗାପଟା କାଟି ଖିନ୍ ଭିନ୍ କରିପକାଇଛି । ମାତ୍ର ଆଜି ମୁଁ ତୁମ ସହିତ ବନ୍ଧୁତା କରିବାକୁ ଆସିଛି । ଅବଧାନେ କହିଲେ ଦୂର୍ ଦୂର୍ । ମୋର ପୁଷି ମୂଷା ସାଙ୍ଗରେ ବନ୍ଧୁତା ! ଯେ ଶୁଣିବ ସେ ହସିବ । ମୂଷା ମାଉସୀ କହିଲା ଅବଧାନେ ଏମିତି ରାଗିଯାଉଛ କାହିଁକି ? ଶୁଣ, ତମର ଯେତେ ଜିନିଷ ଚୋରେଇ ନେଇଛି ସବୁ ଫେରେଇ ଦେବି । ତମକୁ ମାସକୁ ମାସ କିଛି କିଛି ବକସିସ୍ ଦେବି । ତମେ ଖାଲି ଆମ ଟୁଲୁକୁ ପାଠ ପଢ଼ାଇ ଦେବ । ଦେଖ, ଏଥିରେ ଯଦି ରାଜି ନ ହୁଅ, ତମ ଜିନିଷପତ୍ର ସମ୍ଭାଳି ରଖିବ । ତମ ପ୍ରତି ମୋର ଆଉ ଉପ୍ରୋଧ ନାହିଁ ।

ଅବଧାନେ ଟିକିଏ ଭାବିଲେ । ସତକଥା, ମୂଷାମାନଙ୍କ ସହିତ କଳିକରି ଚଳିବା ଅସମ୍ଭବ । ତା ଛଡ଼ା ଯଦି ଦି'ପଇସା ମିଳୁଛି ମିଳୁ । ତହିଁ ଆରଦିନ ଟୁଲୁ ଆସିଲା ପାଠ ପଢ଼ିବାକୁ । ବହି, ସିଲଟ, ଖାତା ଖାଲି ଗୋଟାକୁ ଗୋଟା ଆସିଲା । ମାତ୍ର ଟୁଲୁର ପାଠ ଘରେ ଶୂନ । ସେ ଖାଲି ବହି ପାଖରେ ବସି କନକନ ହୁଏ । କିଏ ଆସିଲେ ଚମକି ପଡ଼େ । କିନ୍ତୁ ଗୁରୁ ଦକ୍ଷିଣାର ଅଭାବ ନ ଥାଏ । ଭଲକା ଭଲ ପିଠା, ଫଳମୂଳ, ପୁସଗଜା, ହାଲୁଆ, ରସଗୋଲା ପ୍ରଭୃତି ମିଠା ପ୍ରତିଦିନ ଆସି ପହଞ୍ଚି ଯାଉଥାଏ । ମୂଷା ଘରେ କୋଉ ଅଭାବ ଅଛି ? ସବୁ ତ ଚୋରିମାଲ । ଅବଧାନେ ଜଳଖିଆ ଖାଇ ଖାଲି ହାକୁଟି ମାରୁଥାନ୍ତି ।

ଦିନେ ଅବଧାନେ କହିଲେ ହଇରେ ଟୁଲୁ, ତୋର ତ ପାଠ ହେଉନାହିଁ । ତୁ ଆଉ କିଛି ଗୁରୁଦକ୍ଷିଣା ଦେ । ଟୁଲୁ କହିଲା କି ଜିନିଷ ତା ନାଁ କୁହ । ଅବଧାନେ କହିଲେ ମୋର ଗୋଟିଏ ନାସଦାନ ଦରକାର । ଟୁଲୁ କହିଲା, ଗୁରୁଦେବ, ଚିନ୍ତା କରନ୍ତୁ ନାହିଁ । ଏଇ ସାମାନ୍ୟ କଥାକୁ ଏତେ ଚିନ୍ତା ? ତହିଁ ଆରଦିନ ଦେଖିଲେ ବେଳକୁ ଗଣ୍ଡା ଗଣ୍ଡା ନାସଦାନ ଅବଧାନଙ୍କ ଘରେ ଗଡ଼ୁଛି । ଅବଧାନେ ସେଥି-ମଧ୍ୟରୁ ରୁପା ଡବାଟି ବାଛି ଆଉ ସବୁତକ ଖଣ୍ଡବଳେ ଗଡ଼େଇ ଦେଲେ ।

Digitized by srujanika@gmail.com

ଏଣେ ଗାଁରେ ଚହଳ ପଡ଼ିଗଲା କେଉଁଠୁ ଗୋଟାଏ ଚୋର ଆସି ଖାଲି ନାସଦାନି ଚୋରି କରୁଛି । କି ଆଶ୍ଚର୍ଯ୍ୟ, ଚୋରକୁ ଆଉ କିଛି ଭଲ ଲାଗିଲା ନାହିଁ ? ଖୋଜି ଖୋଜି ଖାଲି ନାସଦାନି ଚୋରି କରୁଛି ? ସମସ୍ତେ ମନେ ମନେ ଚୋରକୁ ଖୋଜୁଥାନ୍ତି । ଶେଷକୁ ଅବଧାନଙ୍କ ଘରେ ନାସ-ଦାନିର ସନ୍ଧାନ ମିଳିଲା । ଅବଧାନଙ୍କ ରୂପା ନାସଦାନି ସବୁ ଧରା ପକାଇ ଦେଲା । ଦେଖିଲା ବେଳକୁ ଗାଁ ଯାକର ନାସଦାନି ତାଙ୍କର ଘରେ । ଅବଧାନେ କପଟ କହିବେ ମୂଷାଛୁଆ ଟୁଲୁ ଗୁରୁଦକ୍ଷିଣା ରୂପେ ଏ ସବୁ ଦେଇଛି । ତାଙ୍କର ପାଟି ପାକୁପାକୁ ହୋଇଗଲା । ଲୋକେ ଅବଧାନଙ୍କୁ କିଛି ଉତ୍ତମ ମଧ୍ୟମ ଦେଇ ସବୁ ନାସଦାନି ଛଡ଼ା ନେଇଗଲେ । ଚୋରିଆଡ଼େ ବଦନାମି ମଧ୍ୟ ହେଲା । ଅବଧାନେ ଘରୁ ବାହାରି ପାରିଲେ ନାହିଁ ।

ତାର ଦୁଇଚାରି ଦିନ ପରେ ମୂଷାଛୁଆ ଟୁଲୁ ପାଠ ପଢ଼ିବାକୁ ଆସିଲା । ଅବଧାନଙ୍କ ଦେହ ତ ମାଡ଼ଖାଇ ଦରଜ ହୋଇଯାଇଛି । ଟୁଲୁକୁ ଦେଖି ତାଙ୍କର ରାଗ ପଞ୍ଚମକୁ ଚଢ଼ିଗଲା । ବେତ ଉଠାଇ ପାହାରେ ବସାଇ ଦେଲେ । ଟୁଲୁଟା ଚଗଚଗିଆ ଥିବାରୁ ମାଡ଼ଟା ତା ଉପରେ ନ ବସି ଖସିଗଲା । କିନ୍ତୁ ଟୁଲୁର ଏତେବେଳେ ହୋସ ଆସିଲା । କହିଲା ଛିଃ । ପାଠ ମୁହଁରେ ଥୁଃ । ଏଇଖିଣା ତ ଜୀବନ ଯାଇଥିଲା ! ଭାଗ୍ୟକୁ ସିନା ପାହାରଟା ଖସିଗଲା ! ସେଇଠୁ ଟୁଲୁ ବିଦାୟ ନେଇ ମା'କୁ କହିଲା, ବୋଉ, ସବୁପାଠ ମୋର ପାଶ୍ ହୋଇଗଲା । ଏଣିକି ମୋ ନିଜ ବ୍ୟବସାୟ ଚୋରିରେ ମନଦେବି ।

ମୂଷା ମାଉସୀ ଏକଥା ଶୁଣି ଭାରି ଖୁସି ହେଲା । କହିଲା ଭଲ କଲୁରେ ବାପ, ଜଲଦି ଜଲଦି ପାଠସାରି ନିଜ କାମରେ ଯାହା ଲାଗିଗଲୁ, ସେଥିରେ ମୁଁ ଖୁସି । ସେହିଦିନୁ ଟୁଲୁ ଆଉ ପାଠର ନାଁ ଧରିନାହିଁ । ମନେ ମନେ କହିଲା ନିଜ କାମରେ ସନ୍ତୁଷ୍ଟ ନ ହୋଇ ଅନ୍ୟକାମ ପାଇଁ ଅନ୍ୟକୁ ଈର୍ଷା କରିବାଟା ଅନୁଚିତ ।

Digitized by srujanika@gmail.com

ଆମ୍ବୁଲପାଣି ବୋଲି ଗୋଟିଏ ଗାଁ । ସେ ଗାଁରେ ସେନ୍ଦେଶ୍ୱ ବୋଲି ଝିଅଟିଏ ଥାଏ । ସେ ବଡ଼ ଅସନା । ମୁଣ୍ଡରେ ତେଲ ମାରେନା କି କୁଣ୍ଡାଏ ନା । ତା' ମୁଣ୍ଡରେ ଭଣଭଣ ଉକୁଣୀ । ତା ମୁଣ୍ଡଟା ଉକୁଣୀମାନଙ୍କର ଗୋଟାଏ ରାଜ୍ୟ କହିଲେ ଚଳେ । ରାଣୀ ଡାଗର ଓ ରାଜା ଡାଗର ସେନ୍ଦେଶ୍ୱ ମୁଣ୍ଡରେ ରାଜତ୍ୱ କରୁଥାନ୍ତି ।

ସେଦିନ ରାଣୀ ଡାଗର ନିଦ୍ଧୋଳ ନିଦରେ ଶୋଇ ଯାଇଥାଏ । ସେନ୍ଦେଶ୍ୱର ବାଳ ମୂଳକୁ କାମୁଡ଼ି ଧରି ପଡ଼ିଥାଏ । ଘଙ୍ଗୁଡ଼ି ମାରୁଥାଏ କାହିଁରେ କିଣ । ରାତି ଅଧି ଅଧ ହେଲାଣି, ତେବେ ବି ତା ନିଦ ଭାଙ୍ଗିବାକୁ ନାହିଁ । ଛୋଟ ଛୋଟ ଉକୁଣୀମାନେ ବ୍ୟସ୍ତ ହୋଇ ଉଠିଲେଣି । ରାଣୀ ଡାଗର ରକ୍ତ ପିଇବା କାମରେ ଆଗେ ଅନୁକୂଳ କରିବା କଥା । ନିଖ ଓ ଗଜ ଉକୁଣୀମାନଙ୍କ ପେଟ ହୁ ହୁ ହୋଇ ଜଳିଲାଣି । ଗଜ ଉକୁଣୀର ଦାନ୍ତ ଶୁଖିଲେଇ ଉଠିଲାଣି । ଆଉ କିଛି ଉପାୟ ନ ଦେଖି ଗଜ ଉକୁଣୀ ଗୀତ ବୋଲିଲା—

ଉକୁଣୀରାଣୀ ଗୋ ଉକୁଣୀରାଣୀ
ରାତିପହର ଆଧି ଅଧା ହେଲାଣି
ଭୋକରେ ପେଟ ତ ଜଳି ଉଠିଲା
କେତେବେଳଯାଏ ଶୋଇବ ଭଲା ?

ଗୀତ ଶୁଣି ରାଣୀ ଉକୁଣୀର ଚେତା ହେଲା । ଧଡ଼ପଡ଼୍ ହୋଇ ଉଠିବସି କହିଲା, ମଲି ଯା, ଆରେରେ, ଏତେ ରାତି ହେଲଣି । ମୋତେ

Digitized by srujanika@gmail.com

ମାଲୁମ ନାହିଁ । ଆଜ ପର ସେନେଟ୍ସ ମୁଣ୍ଡରୁ ପାଞ୍ଚଶ ଗ୍ରାମ ଓଜନର ରକ୍ତ ଶୋଷିବାର କଥା ! ପାଞ୍ଚଶ ଗ୍ରାମ୍ ରକ୍ତ ନ ହେଲେ ପିଷ୍ଟ ହେବ କପର ? ହଉ, ଯାହା ତ ହେବାର ହେଲଣି, ବର୍ତ୍ତମାନ କାମ ଆରମ୍ଭ କରଦେବା । ସମସ୍ତେ ଯାଅ । ସେନେଟ୍ସର ବାଳମୂଳକୁ କାମୁଡ଼ଧର । ମୁଁ ଯେତେବେଳେ ହୁକୁମ ଦେବ, ରକ୍ତ ଶୋଷିବା କାମରେ ଲଗି ପଡ଼ିବ । ମୁଁ ଯେତେବେଳେ କହିବ—ରେଡ଼ି, ଏକ, ଦୁଇ, ତନ, ତମେ ସମସ୍ତେ ଏକାବେଳକେ ମେସିନ୍‌ରେ ସିଲେଇ କଲାପର ଟପାଟପ୍, ଟପାଟପ୍ କାମୁଡ଼ ଚାଲବ । ତାପରେ ଦେଖିବ ମଜା ।

ଗଜ ଉକୁଣୀ କହିଲା, ରାଣୀମା, ଆଜ ଆମ ଭିତରୁ ଅଧେ ମାରା ପଡଗଲେ । ସେ ଅସନା ଝିଅଟା କୋଉଠୁ ଗୋଟାଏ ମୂନଆଦାନ୍ତ ଥିବା ପାନିଆ ଆଣି ତା ମୁଣ୍ଡଟାକୁ ବସି ଘଷିବାକୁ ଲାଗିଲା । ଓଃ, କଣ କହିବ, ଶହ ଶହ ଗଜ ନଖ ଗଦା ହୋଇପଡ଼ିଲେ । ମହାଭାରତ ଯୁଦ୍ଧରେ ଯେମିତ ଶହ ଶହ ସୈନ୍ୟ ମର ଶୋଇ ଥିଲେ, ଏ ସେଇମିତିଆ କଥା । ସେ ଝିଅଟା ଏତେ ଏତେ ନଖରେ ଚିପି ଚିପି କହୁଥାଏ—ଉଁହୁଁ, ଉଁହୁଁ । ଆମେ ଖାଲ ଟକ୍‌ଟାକ୍ ଫୁଟୁଥାଉ । ରାଗରେ ଝିଅଟା କହୁଥାଏ—ମର, ମର । କାଲ ରାତିରେ କେମିତ କାମୁଡ଼ୁ ଥିଲ ? ଭାଗ୍ୟବଳରୁ ମୁଁ ଖସି ଆସିଲ । ମୋ ଦେହ ଖାଲ ଗୋଟାପଣ ଥରୁଥାଏ । ଆଚ୍ଛା ରାଣୀମା, ତମେ ସେତେବେଳେ ଥିଲ କେଉଁଠି ?

ରାଣୀ ତାଗର କହିଲା, ତୁ ତା ଭେଦ କପର ପାଇବୁ ? ମୁଁର ମଣିଷ ମତେ ଧରବେ ! ମୁଁ ଏମିତ ବାଗରେ ବସିଥାଏ ଯେ ମତେ ଜାଣିବା କଷ୍ଟ । ତା ପାନିଆଟା ସବୁଆଡ଼େ ବୁଲୁଥାଏ । ହେଲେ ମୋ ପାଖ ପଶୁ ନ ଥାଏ । ନ ହେଲେ ମୁଁ କଣ ମାଗଣା ରାଣୀ ତାଗର ହୋଇଛି ?

ଗଜ କହିଲା, ରାଣୀମା, ତମେ ଏଥର ସମସ୍ତଙ୍କୁ ଟ୍ରେନିଂ ଦିଅ । ମଣିଷ ପିଲାମାନେ ଯେମିତ ଏନ: ସି: ସି: ଟ୍ରେନିଂ ପାଉଛନ୍ତି, ଆମେ

Digitized by srujanika@gmail.com

ସେମିତି ପାଇଲେ ଆତ୍ମରକ୍ଷା କରିପାରିବୁ । ସେମାନେ ଯେତେ ବଡ଼ ପାନିଆ ଆଣିଲେ ବି ଆମକୁ ପାରିବେ ନାହିଁ ।

ରାଣୀ ଡାଗର କହିଲା—ଠିକ୍ ଅଛୁ । ଏଥରକ ଚ୍ଚେନିଂ ବ୍ୟବସ୍ଥା କରିବା । ଆମେ ଯେତେହେଲେ ପୋକମାନଙ୍କ ଭିତରେ ରାଜା । ମଣିଷମାନଙ୍କ ମୁଣ୍ଡ ଉପରେ ଆମ ରାଜ୍ୟ । ଅନ୍ୟାନ୍ୟ ପୋକମାନେ ନାଳୀନର୍ଦ୍ଦମାରେ ଜନ୍ମହୋଇ ପଚିସଡ଼ି ମରୁଛନ୍ତି । ନାନା ଅସନା ଜିନିଷ ଖାଇ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହୋଇ ଯାଉଛି । ମାତ୍ର ଆମେ ପିଉଛୁ ଖାଣ୍ଟି ରକ୍ତ । ବହୁତ ଅଣ୍ଡା, ମାଛ, ମାଂସ, ଦୁଧ ଘିଅ ଖାଇ ଯେଉଁ ରକ୍ତତକ କମାଉଛନ୍ତି, ଆମେ ଜମିଦାର ପରି ସେତକ ଶୋଷି ନେଉଛୁ । ଖାଉଛୁ ବଢ଼ିଆ ଜିନିଷ, ରହୁଛୁ ଘନ ଗହଳିଆ ବାଳ ଭିତରେ । ଜଙ୍ଗଲରେ ଯେମିତି ବାଘ, ସିଂହ ରହନ୍ତି, ସେଇମିତି । ଆମେ ପରା ରଜାଲୋକ । ବାଘ, ସିଂହ ପରି ନ ରହିବୁ କେମିତି ? ତାପରେ ମଣିଷମାନେ ବାସନାତେଲ ଲଗାଇବାରୁ ଆମ ଦେହ ଖାଲି ମହମହ ବାସୁଛି । ଏମିତି ସୁଖରେ କୋଉ ପୋକଜାତିଟା ଅଛି କହନୁ ?

ଗଜ କହିଲା, ହଁ, ନଖଗୁଡ଼ାକ ବଡ଼ ଅଲସୁଆ । ପାନିଆରେ କୁଣ୍ଡାଇ ଦେଲେ ଗଦାହୋଇ ପଡୁଛନ୍ତି । ମରୁଛନ୍ତି ମଧ । ସେମାନେ ମୋଟେ ଦୌଡ଼ାଦୌଡ଼ି କରିପାରୁ ନାହାନ୍ତି । ରାଣୀ ଡାଗର କହିଲା, ଛାଡ଼— ସେମାନେ ହେଲେ ପିଲାଲୋକ । ଖେଳବୁଲ ଜାଣି ନାହାନ୍ତି । ମଣିଷ-ମାନଙ୍କ ସାଙ୍ଗରେ ଲୁଚକାଳି ଖେଳ ଜାଣି ନାହାନ୍ତି । ତଥାପି ଚିନ୍ତା ନାହିଁ । ଉକୁଣୀ ଜନମ ପାଇ ମରିବାକୁ ଡରିଲେ ଚଳିବ ? ଆମର ସଂଖ୍ୟା ବଢ଼ି ଚାଲିଥିବ । ମଣିଷମାନେ ସିନା ରହୁଁଛନ୍ତି ସେମାନଙ୍କ ଲୋକସଂଖ୍ୟା କମୁ । ଆମେ କାହିଁ ରହୁଁଛୁ ଆମ ଲୋକ ସଂଖ୍ୟା ବଢ଼ୁ । ସେମାନେ ଯେତେ ମାଇଲେ ବି ଆମ ଭିତରୁ ଦି'ଟା ଚାରିଟା ଥିଲେ ପୁଣି ମାଡ଼ିପିବେ ।

Digitized by srujanika@gmail.com

ଗଜ କହିଲି—ରାଣୀମା, ତୁମେ ବଡ଼ଲୋକମାନଙ୍କୁ ନ କାମୁଡ଼ି ଗରିବମାନଙ୍କୁ କାହିଁକି କାମୁଡ଼ୁଛ ? ରାଣୀ ଡାଗର ହସି ହସି କହିଲା—ନାହିଁଲୋ ବୋକା, ଆମ ପକ୍ଷରେ ଧନୀ ଦରିଦ୍ର ସମସ୍ତେ ସମାନ । ଆମେ କଣ ଏତେ ଶ୍ରେଷ୍ଠଲୋକ ଯେ ଧନୀ ଦରିଦ୍ର ଭେଦଭାବ ରଖିବୁ ? ଆମ ଆଗରେ ସମସ୍ତେ ସମାନ । କିନ୍ତୁ ଆମକୁ ଯେ ନିମନ୍ତ୍ରଣ କରିବ, ଆମେ ସିନା ତା ପାଖକୁ ଯିବୁ ?

ଗଜ କହିଲା, ଏ କଥାଟା ମୋ ମନକୁ ପାଉନାହିଁ । ରାଣୀ ଡାଗର କହିଲା—ଆଲୋ, ନିମନ୍ତ୍ରଣ ନୁହେଁ ଆଉ କଣ ? ଯେ ମୁଣ୍ଡକୁ ଅସନାମସନା କରି ରଖିବ, ତେଲ ଲଗାଇବ ନାହିଁ କି ମୁଣ୍ଡ କୁଣ୍ଡାଇବ ନାହିଁ; ଓଦା ବାଳକୁ ଭଲକରି ନ ଶୁଖାଇ ଗଣ୍ଠି ପକାଇ ଦେବ, ଆମେ ଜାଣିବୁ—ସେଇ ଆମକୁ ନିମନ୍ତ୍ରଣ କଲା । ଆଉ କଣ ଉକୁଣୀମାନଙ୍କୁ କିଏ ନିମନ୍ତ୍ରଣ ପତ୍ର ଛପାଇ କରି ପଠାଏ ? ଏଥର ବୁଝିଲୁ ତ ! ଶୁଣ, ସେଇଥିପାଇଁ ପରା ଗୀତବନ୍ଧା ହୋଇଛି—

ମୋ ନାଁ ଅଟେ ରାଣୀ ଡାଗର
କାମୁଡ଼ି କାମୁଡ଼ି କରିବି ସାର
ଯେଉଁ ଲୋକ ହୁଏ ସଫାସୁତୁରା
ତା ପାଖ ଆମେ ନ ପଶୁ ପରା
ଅସନା ଲୋକଙ୍କ ପାଖକୁ ଯାଉ
କାମୁଡ଼ି କାମୁଡ଼ି ରକତ ପିଉ ।

ଗଜ କହିଲା, ଏ କଥାଟା ତମେ ଖବରକାଗଜରେ ବାହାର କରିଦଉନ ? ତା'ହେଲେ ସମସ୍ତେ ସଫାସୁତୁରା ହେବେ । ରାଣୀମା କହିଲା—ଭଲ କଥା କହିଲୁ ଲୋ ଝିଅ ! ଖବରକାଗଜରେ ଦେଲେ ଓଲଟି ଆମରି କ୍ଷତି ।

କାହିଁକି ସେମାନେ ପରା ସ୍ୱାସ୍ଥ୍ୟରକ୍ଷା ପଢ଼ୁଛନ୍ତି !

ଖାଲି ପଢ଼ିଲେ କଣ ହେବ ? କାମରେ ତ ଲଗାଇ ପାରୁ-ନାହାନ୍ତି । ତା'ପରେ ଆଉ ଗୋଟାଏ କଥା ଶୁଣ । ମଣିଷମାନେ ହେଲେ

Digitized by srujanika@gmail.com

ଆମ ଯାନବାହାନ । ସେମାନଙ୍କ ମୁଣ୍ଡରେ ଚଢ଼ି ଆମେ କେତେ ତୀର୍ଥ ଜାଗାକୁ ଯାଉଛୁ । ତାଙ୍କ ମୁଣ୍ଡରେ ରହିବାରୁ ଆମର ଟିକଏ ମାନସମ୍ମାନ ବଢ଼ିଯାଇଛି । ଆମେ ଯେତେଦିନ ଥିବୁ, ଅସୁସରେ ରହିବୁ । ଖାଣ୍ଟି ଭିଟାମିନ୍ ଜିନଷ ଖାଇବୁ । ଲୋକମାନେ ହେଲେ ଆମ ଘୋଡ଼ା କ ସବାରୀ କ ଆଉ କଛି ଯାହା କୁହ ।

ଏକଥା ଶୁଣି ସମସ୍ତେ ଖୁସି । ମଣିଷଙ୍କ ରକ୍ତ ପିଇ, ତାଙ୍କ ସାଙ୍ଗରେ ତୀର୍ଥକର ଉକୁଣୀ ଜାତିଟା ଧନ୍ୟ ହୋଇଗଲା ।

ତହିଁ ଆରଦିନ ସକାଳେ ସେ ଝିଅଟା ଗୋଟାଏ ଶକ୍ତ ବଡ଼ ପାନିଆ ଧରି ବସିଗଲା । କହିଲା, କାଲି ମତେ ଏ ଉକୁଣୀଗୁଡ଼ାକ ଶୋଇ ଦେଇନାହାନ୍ତି । ଆଜି ତାଙ୍କ ବଂଶ ଲୋପ କରିବି । ଏକଥା ଶୁଣି ରାଣୀ-ଡାଗର ତା ସୈନ୍ୟମାନଙ୍କୁ ଡାକି କହିଲା, ସାବଧାନ । ବର୍ତ୍ତମାନ ଲଢ଼ିବାବେଳ ଆସିଗଲା । ସମସ୍ତେ ବାଳ ମୂଳକୁ କାମୁଡ଼ି ଧର । ଆଜି ଗରିଲା ଯୁଦ୍ଧ ଆରମ୍ଭ ହେବ । କେତେଜଣ ସେ ଝିଅର କାନ ମୂଳକୁ ଓହ୍ଲେଇପଡ । ଆଉ କେତେଜଣ ତା ଲୁଗାପଟା ଭିତରେ ପଶିଯାଅ ।

ଝିଅଟି ତ ଉକୁଣୀଙ୍କ କଥା ବୁଝେନା । ସେ ଯେତେ ପାରିଲା ମାରିଲା । କେତେ ମଲେ, କେତେ ରହିଲେ, ତା ହିସାବ କଏ କରୁଛି ? ତଥାପି ଉକୁଣୀମାନେ ଯେଉଁ ଲଢ଼େଇ କଲେ, ଏଥିରେ ସେନାପତି ହୋଇଥିଲେ ରାଣୀଡାଗର । ତାଙ୍କ ନେତୃତ୍ୱକୁ ସମସ୍ତେ ପ୍ରଶଂସା କଲେ ।

Digitized by srujanika@gmail.com